# ୩୯ ଯୋଡ଼ି ବିବାହ ବନ୍ଧନରେ ବାନ୍ଧିହେଲେ






ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଅନୁଷ୍ଠିତ ସାମୂହିକ ବିବାହରେ ଉପସ୍ଥିତ ଅତିଥିଙ୍କ ସହ ନବଦମ୍ପତି ।

**ବଲାଙ୍ଗୀର,୨୧।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆ ପରିସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ବିବାହ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ୩୯ ଯୋଡ଼ିଙ୍କ ବିବାହ ସମ୍ପନ୍ନ ହୋଇଛି। ଓଡିଆ ରୀତିନୀତି ଅନୁଯାୟୀ ଆୟୋଜିତ ଏହି ଉତ୍ସବରେ ଜିଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଯୋଗ୍ୟ ବର କନ୍ୟା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ଭାବେ ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପାଳଜୀ ପାଣିଗ୍ରାହୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିନିଧି ସୁରେଶ ମହାଲିଙ୍ଗ, ଲୋକସଭା ଏମ୍‌ପିଙ୍କ ପ୍ରତିନିଧି ଦିନେଶ ଶର୍ମା, ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଓ ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ ଯୋଗଦେଇ ନବ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେମାନଙ୍କୁ ଯୋଜନା ମୁତାବକ ୪୫ ହଜାର ଟଙ୍କା ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି। ଉତ୍ସବରେ ମୁଖ୍ୟଅତିଥି ବାଗ କହିଥିଲେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରାଜ୍ୟ ସରକାରଙ୍କ ଐତିହାସିକ ପଦକ୍ଷେପ। ଏହା କେବଳ ଆର୍ଥିକ ସହାୟତା ନୁହେଁ, ବରଂ ଏହା ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ ପାଇଁ ଓଡିଶା ସରକାରଙ୍କ ଉତ୍କୃଷ୍ଟ ପଦକ୍ଷେପ ବୋଲି କହିଥିଲେ। ବିବାହ ସମାରୋହ ଦ୍ୱାରା ପରିବାର ଉପରେ ପଡୁଥିବା ଆର୍ଥିକ ବୋଝକୁ ଲକ୍ଷ୍ୟ କରି ଓଡିଶା ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି। ଯୋଗ୍ୟ ବର କନ୍ୟାଙ୍କ ପାଇଁ ସାମୂହିକ ବିବାହ ସମାରୋହ ଆୟୋଜନ କରି ସାମାଜିକ ଏକତା, ନ୍ୟାୟସଙ୍ଗତ ବିବାହ ଓ ସମାଜରେ ସମାନତାକୁ ପ୍ରୋତ୍ସାହିତ କରାଯାଉଛି ବୋଲି ସେ କହିଥିଲେ। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ଘରୋଇ ଖର୍ଚ୍ଚକୁ ହ୍ରାସ କରିବା ସହିତ ବୈବାହିକ ରୀତିନୀତିରେ ମର୍ଯ୍ୟାଦା, ବୈଧତାକୁ ବଜାୟ ରଖିବା ବୋଲି ସେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିଧବାଙ୍କୁ ପୁନଃ ବିବାହ ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଏହି ଯୋଜନା ବାଲ୍ୟ ବିବାହ ଓ ଯୌତୁକ ପ୍ରଥାକୁ ନିବାରଣ କରିବା ସହିତ, ଓଡିଶା ବିବାହ ନିୟମ ଅନୁଯାୟୀ ପଞ୍ଜୀକରଣକୁ ସୁନିଶ୍ଚିତ କରେ ଓ ବିବାହରେ ମହିଳାଙ୍କ ଆଇନଗତ ସଚେତନତାକୁ ବୃଦ୍ଧି କରେ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କୁ ମୋଟ ୬୦ ହଜାର ସହାୟତା ପ୍ରଦାନ କରାଯାଉଛି। ସେଥିରୁ ୪୫ ହଜାର ଟଙ୍କା ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି ଓ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଥିବା ସୂଚନା ଦିଆଯାଇଥିଲା। ଯୋଜନାର ଯୋଗ୍ୟତା ଅନୁଯାୟୀ, କନ୍ୟାଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ଓ ବରଙ୍କ ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହେବା ଆବଶ୍ୟକ। ବିଧବାଙ୍କ ପୁନଃ ବିବାହ, ଅନୁସୂଚିତ ଜାତି, ଜନଜାତି ଓ ଦିବ୍ୟାଙ୍ଗଙ୍କୁ ଏହି ଯୋଜନାରେ ପ୍ରାଥମିକତା ଦିଆଯାଉଛି ବୋଲି ଜିଲାପାଳ ଇସଲୱାର ଓ ଅନ୍ୟ ଅତିଥିମାନେ କହିଥିଲେ। ଆଜିର କାର୍ଯ୍ୟକ୍ରମରେ ସମସ୍ତ ବିବାହ ବୈଧ ପଞ୍ଜୀକରଣ ମାଧ୍ୟମରେ ସମ୍ପନ୍ନ ହୋଇଥିବା ସୂଚନା ଦିଆଯାଇଥିଲା। ଜିଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗ ସହିତ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ ସମସ୍ତ ବ୍ୟବସ୍ଥା ସୁଚାରୁ ଭାବେ କରାଯାଇଥିଲା।

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**

## ଶ୍ରୀଚନ୍ଦ୍ରଶେଖର ବାବାଙ୍କ ଥାଳ ଉଠା କାର୍ଯ୍ୟକ୍ରମ ସମ୍ପନ୍ନ



ବଲାଙ୍ଗୀର ରାଧାରାଣୀପଡା ଶୀତଳଷଷ୍ଠୀ ଥାଳ ଉଠା କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟ ।

**ବଲାଙ୍ଗୀର,୨୧।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ରାଧାରାଣୀପଡାସ୍ଥିତ ସନାତନ ମନ୍ଦିର ପ୍ରାଙ୍ଗଣରେ ରାଧାରାଣୀପଡା ଓ କଂସାରୀପଡା ଆନୁକୂଲ୍ୟରେ ଅକ୍ଷୟ ତୃତୀୟା ଅବସରରେ ସୋମବାର ଦେବାଧିଦେବ ମହାଦେବ ଓ ଦେବୀ ପାର୍ବତୀଙ୍କ ବିବାହ ଉତ୍ସବ ଶୀତଳଷଷ୍ଠୀ ମହୋତ୍ସବର ଶୁଭାରମ୍ଭ ସ୍ୱରୂପ ଥାଳ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଥମେ ରାଧାରାଣୀପଡା ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ପାଦକ ଗତବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଏହାପରେ ଚଳିତ ଶୀତଳ ଷଷ୍ଠୀରେ ସମିତା ମଲ୍ଲିକ ଓ ବିପ୍ଳବ ମଲ୍ଲିକ ମାତା ପାର୍ବତୀଙ୍କ ମାତା-ପିତା ଓ ଭବାନୀରାଣୀ ସାହୁ ଓ ବିଶ୍ୱଜିତ ସାହୁ ମହାଦେବଙ୍କ ମାତା-ପିତା ଦାୟିତ୍ୱ ତୁଲାଇବେ ବୋଲି ସୂଚନା ଦିଆଯାଇଥିଲା। ଏହାପରେ ରାଧାରାଣୀପଡା ପୂଜା କମିଟି ବୈଠକରେ ବିଭିନ୍ନ କମିଟି ଗଠନ କରାଯାଇଥିଲା। କମିଟି ସଭାପତି ଭାବେ ପ୍ରଶାନ୍ତ ବାରିକ, କାର୍ଯ୍ୟକାରୀ ସଭାପତି ଭାବେ ମାନସ ମିଶ୍ର, ଉପସଭାପତି ଭାବେ ପ୍ରିୟବ୍ରତ ଯୋଷୀ ଓ ସମ୍ପାଦକ ଭାବେ କମଳଜିତ ସାହୁ, ସହସମ୍ପାଦକ ଭାବେ ଅଶ୍ୱିନୀ ରାଉତ ଓ କୋଷାଧ୍ୟକ୍ଷ ଭାବେ ସିଦ୍ଧାର୍ଥ ସେଠ୍‌ଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟି ପାଇଁ ସୁନୀଲ ମିଶ୍ର, ମୁକୁଲ ମିଶ୍ର, ଧୋବା ବିଶି, କିଶନ ନାଗ, ଶିବ ଭୋଇ ଦାୟିତ୍ୱ ତୁଲାଇବେ। ଏହାସହିତ ବିଭିନ୍ନ କମିଟିରେ ସଭ୍ୟ ମନୋନୟନ କରାଯାଇଛି। ଥାଳ ଉଠା କାର୍ଯ୍ୟକ୍ରମରେ ବହୁ ସଦସ୍ୟ ଓ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## କଣ୍ଟାବାଞ୍ଜି ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ

**କଣ୍ଟାବାଞ୍ଜି,୨୧।୪(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସାମ୍ବାଦିକ ସଂଘର ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସଂଘର ସଦସ୍ୟ ସୁବାଷ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ବରିଷ୍ଠ ସଭ୍ୟ ମୌଜ ଆଧାର ଶର୍ମାଙ୍କ ବିୟୋଗରେ ପ୍ରଥମେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ଉପସ୍ଥିତ ସମସ୍ତ ସଭ୍ୟଙ୍କ ପ୍ରସ୍ତାବ କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ସଂଘର ସଭାପତି ଭାବେ ମୋହନ ସୋନି, କାର୍ଯ୍ୟକାରୀ ସଭାପତି ଜୀବନାନନ୍ଦ ମହାନ୍ତି, ଉପସଭାପତି ଶିବ ଶଙ୍କର ବାଗ, ସାଧାରଣ ସମ୍ପାଦକ ଗୁରୁଦୟାଲ ହଂସ, ଯୁଗ୍ମ ସମ୍ପାଦକ ସେଖ ସମିମ, କୋଷାଧ୍ୟକ୍ଷ କୃତିକର ବାଗ , ଉପଦେଷ୍ଟା ଭାବେ ସୁବାଷ ଚନ୍ଦ୍ର ବେହେରା ମନୋନୀତ ହୋଇଥିଲେ। ଏହାଛଡା କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ବିମଳ ଦାଶ, କୁଶଳ ସିଂ ଠାକୁର, ବିନୋଦ ସିଂ, କୈଳାଶ ସଗରିଆ ପ୍ରମୁଖ ମନୋନୀତ ହୋଇଥିଲେ।

# ପକ୍ଷୀଙ୍କ ସୁରକ୍ଷା ପାଇଁ ପ୍ରୟାସ

**ସଇଁତଲା,୨୧।୪(ରାଖାଲ ପ୍ରସାଦ ଶତପଥୀ)**

ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ରାଜ୍ୟରେ ଟିଟିଲାଗଡ଼ ଉତ୍ତପ୍ତ ସହର ଭାବରେ ରହିଥିବା ବେଳେ ନିକଟରେ ଥିବା ସଇଁତଲା ସହରରେ ମଧ୍ୟ ତାପମାତ୍ରା ପ୍ରାୟ ସମାନ ରହୁଛି। ଏହି ଅବସରରେ ଜନସାଧାରଣଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳଛତ୍ରମାନ ଖୋଲାଯାଇ ପାନୀୟ ଜଳ ବିତରଣ ବ୍ୟବସ୍ଥା କରାଯାଉଛି। କିନ୍ତୁ ନିରୀହ ପଶୁ ପକ୍ଷୀମାନେ ପାଣି ମୁନ୍ଦେ ପାଇଁ ଡ଼ହଳ ବିକଳ ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳର ପ୍ରକୃତି ବନ୍ଧୁ ବିକିଜି ନାଗ ଏବଂ ସ୍ୱାଭିମାନ ପରିବାରର ସଇଁତଲା ବ୍ଲକ ସଭାପତି ରାକେଶ ସାହୁଙ୍କ ମିଳିତ ଉଦ୍ୟମରେ ସୋମବାର ସଇଁତଲା ସହରର ବିଭିନ୍ନ ସ୍ଥାନରେ ପକ୍ଷୀମାନଙ୍କ ପାଇଁ ପାନୀୟ ଜଳ ପାତ୍ର ରଖାଯିବା ସହ ସେମାନଙ୍କ ରହିବା ପାଇଁ ବସା ଲଗାଯାଇଛି। ଏହି କାର୍ଯ୍ୟକ୍ରମରେ ସଇଁତଲା ତହସିଲଦାର ଆଶିଷ ଏକ୍କା, ଅତିରିକ୍ତ ତହସିଲଦାର ମୋହନ ମୁଣ୍ଡା, ସଇଁତଲା ଥାନା ଅଧିକାରୀ ଖଗପତି ବିଶ୍ୱାଳ ତଥା ଉଭୟ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗଦେଇ ତହସିଲ କାର୍ଯ୍ୟାଳୟ, ଥାନା ପରିସର ଏବଂ ସହରର ବହୁ ସ୍ଥାନରେ ଚଢ଼େଇମାନଙ୍କ ରହିବା ପାଇଁ ବସା ରଖିବା ସହ ପିଇବା ପାଇଁ ପାଣି ପାତ୍ର ରଖିଥିଲେ। ଏହି ଛୋଟିଆ ପ୍ରୟାସ ଗରମରେ ବହୁ ପକ୍ଷୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହେବ ବୋଲି ତହସିଲଦାର ଏକ୍କା କହିଥିଲେ।



ଚଢେଇ ବସା ଓ ପାନୀୟ ଜଳ ପାତ୍ର ରଖିବା ବେଳେ ତହସିଲଦାର ଓ ଅନ୍ୟମାନେ ।

**ପାନୀୟ ଜଳ ପାତ୍ର ରଖାଯିବା ସହ ଚଢ଼େଇ ବସା ଲଗାଗଲା**

## ମୁରିବାହାଲ ତହସିଲରେ ରାଜସ୍ୱ ମେଳା, ଭତ୍ତା ବଣ୍ଟନ

**କଣ୍ଟାବାଞ୍ଜି/ମୁରିବାହାଲ, ୨୧।୪ (ଗୁରୁଦୟାଲ ହଂସ/ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ତହସିଲ କାର୍ଯ୍ୟାଳୟରେ ମଙ୍ଗଳବାର ଦିନ ରାଜସ୍ୱ ମେଳା ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ଜଗଦୀଶ କାର୍ତାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଟିଟିଲାଗଡ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ଓ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଠୀ ଯୋଗ ଦେଇଥିଲେ । ରାଜସ୍ୱ ମେଳାରେ ହାତୀ ଉପଦ୍ରବର ଶିକାର ହୋଇଥିବା ୭ ଜଣ ହିତାଧିକାରୀଙ୍କ ସମେତ ମୋଟ ୨୩ ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା, ୬୭ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ , ବିଧବା ଏବଂ ବିକଳାଙ୍ଗ ଭତ୍ତା ଅତିଥିମାନଙ୍କ ଦ୍ୱାରା ବଣ୍ଟନ କରାଯାଇଛି ।




ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ, ଉପଜିଲାପାଳ ଓ ଅନ୍ୟମାନେ ।


**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Fax-2340096, website-http://www.ossctld.in

**Short e-Tender Call Notice for Engagement of transport contractors for transportation of seeds-2026-27**

**NIT No. - OSSC/Mktg-55/2026**

**No.1001/17/2627** : Managing Director, Odisha State Seeds Corporation Ltd. invites e-Tender from transport contractors for transporation of seeds during 2026 & 2027.
Interested bidders may visit the e-tender portal i.e. www.tendersodisha.gov.in for downloading the documents in detail.
Last date of receipt of tender in portal - **27.04.2026 up to 05.30 P.M.**

OIPR-1001/1045/1/26-27/0003
Sd./- Managing Director
OSSC Ltd., BBSR


# ସରକାରୀ ନିର୍ଦ୍ଦେଶକୁ ଉଲ୍ଲଂଘନ କରି ଉନ୍ନୟନ କାମ ଅଭିଯୋଗ

**ଲୋଇସିଂହା,୨୧।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ପ୍ରାଥମିକ କୃଷି ସମବାୟ ସମିତିର ଗୋଦାମ ଗୃହର ପୁନରୁଦ୍ଧାର ଓ ପାଚେରି କାମ ଗତ କିଛି ଦିନ ହେବ କରାଯାଉଛି। ଏଠାରେ ସରକାରୀ ଗାଇଡ୍ ଲାଇନକୁ ଉଲ୍ଲଂଘନ କରି କାମ କରାଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ୧୯୮୪ ମସିହାରେ ଲୋଇସିଂହା ବ୍ଲକ ତଥା ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି ଅଧୀନ କେଉଁଟିପାଲି ଗ୍ରାମର ନୀଳମଣି ନାଏକ ସମିତିରୁ କୃଷି ଋଣ ନେଇଥିଲେ। ୧୯୮୮ରେ ବିଭାଗ ପକ୍ଷରୁ ଋଣ ଖିଲାପ୍ ଅଭିଯୋଗରେ ତାଙ୍କ ଘରେ ଚଢାଉ କରାଯାଇ କେତେକ ସାମଗ୍ରୀ ଜବତ ହୋଇଥିଲା। ଏହି ସମୟରେ ନୀଳମଣିଙ୍କ ବାପା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କର୍ପୁର୍ଜନ ନାଏକଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ମଧ୍ୟ ଜବତ ହୋଇଥିଲା । ସେହି ଜବତ ସାମଗ୍ରୀକୁ ସମିତିର ଗୋଦାମ ଘରେ ପକାଇ ରଖାଯାଇଥିଲା। ସମିତିରେ ବନ୍ଧକ ପଡିଛି ସ୍ୱାଧୀନତା ସଂଗ୍ରାମୀଙ୍କ ଦସ୍ତାବିଜ୍ ଶୀର୍ଷକ ଖବର ଧରିତ୍ରୀରେ ବିଭିନ୍ନ ସମୟରେ ପ୍ରକାଶ ପାଇଥିଲା । ଏହାପରେ ଦୀର୍ଘ ୩୪ ବର୍ଷ ପରେ ୭ ଅକ୍ଟୋବର ୨୦୨୨ରେ ବଲାଙ୍ଗୀର ସମବାୟ ବିଭାଗ ପକ୍ଷରୁ ଗୋଦାମ ଘରେ ଜବତ ହୋଇଥିବା ବାକ୍ସକୁ ଖୋଲାଯାଇଥିଲା। ସେତେବେଳେ ଅଧିକାଂଶ ଦସ୍ତାବିଜ ଉଇ ଖାଇଯାଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ ଏହାକୁ ସୁରକ୍ଷିତ ରଖିବା ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସମୟରେ ସମିତିର ଅବହେଳିତ ଗୋଦାମ ଘରର ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। ତେବେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ କାମ ହେଉ ନ ଥିବା ଅଭିଯୋଗ ହେଉଛି। ଗୋଦାମ ଘର ଛାଉଣିରେ ଅନ୍ୟ ରଙ୍ଗର ଆଜବେଷ୍ଟସ ବ୍ୟବହାର କରାଯାଇଥିବା ଅଭିଯୋଗ ହେଉଛି। ସେହିପରି ସମିତିର ସମ୍ମୁଖ ଭାଗରେ ପାଚେରି ନିର୍ମାଣ ହେଉଛି । କିନ୍ତୁ ପାଚେରି ନିଅଁରେ ସିମେଣ୍ଟ ଇଟା ବଦଳରେ ପଥର ଯୋଡାଇ କରାଯାଇଛି। ଏହାଛଡା ନିଅଁର ପ୍ଲିନ୍ଥ ଯୋଗୀସର୍ଡା-ବାଦିବାହାଲ ଆରଡି ରାସ୍ତାରୁ ଉଚ୍ଚତା ନ ହୋଇ ତଳେ ରହିଛି। ସିମେଣ୍ଟ ଇଟା ବଦଳରେ ପୋଡା ଇଟା ବ୍ୟବହାର କରାଯାଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ସମିତିର ସମ୍ପାଦକ ଘନଶ୍ୟାମ ପୁଟା କହିଛନ୍ତି, ଏଣିକି ବୁଝାବୁଝି କରି ଗାଇଡ୍ ଲାଇନ ଅନୁଯାୟୀ କାମ କରିବାକୁ କୁହାଯିବ ବୋଲି ସେ କହିଛନ୍ତି ।



ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଥିବା ଗୋଦାମ ଗୃହ ।

**ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି**

## ଗଣେଶ, ତ୍ରିନାଥ ମନ୍ଦିରରେ ୨୪ ପ୍ରହର ନାମଯଜ୍ଞ

**ଟିଟିଲାଗଡ଼,୨୧।୪(ଶରତ ମିଶ୍ର)**

ବଲାଙ୍ଗୀର ଜିଲାର ଟିଟିଲାଗଡ଼ଠାରେ ନୂତନ ଭାବରେ ଗଣେଶ ଓ ତ୍ରିନାଥଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ୧୨୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ନେଇ ସହରରେ କରାଯାଇଥିବା କଳସ ଶୋଭାଯାତ୍ରା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହାଛଡା ପଞ୍ଚକୁଣ୍ଡୀୟ ମହାଯଜ୍ଞ ଏବଂ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି । ମନ୍ଦିର ପ୍ରତିଷ୍ଠା କମିଟି ପକ୍ଷରୁ ମୁଖ୍ୟ ସଂଯୋଜକ କବି ଟିକେଲାଲ ବେହେରାଙ୍କ ତତ୍ତ୍ୱାବଧାନରେ ପୂର୍ଣ୍ଣଚନ୍ଦ୍ର ସାହୁ, ହରି ନାଗ, ଚୈତନ୍ୟ ଜାଲ, ସୁନିଲ ସାହୁ, ସୁଧୀର ସାହୁ, ସଞ୍ଜୟ ବର୍ମା, ଯୁଗଲ ସାହୁ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି।


GOVERNMENT OF ODISHA
DEPARTMENT OF WATER RESOURCES (CAD)
**OFFICE OF THE JOINT DIRECTOR, SURVEY AND PLANNING, ODISHA, BHUBANESWAR**
OFMRDC CAMPUS, SATYANAGAR, BHUBANESWAR-751007
E-mail : jointdirectorspbbsr@gmail.com, Phone : 0674-2570357
"e" PROCUREMENT NOTICE
Bid Identification NO. JDSP-01/2026-27

**No.32001/86/2627** : The Joint Director, Survey and Planning, CAD, Odisha on behalf of Governor of Odisha invites **Percentage Rate Bid in Single Cover System in ONLINE Mode** from eligible class of Contractors/Registered Organisation or Firm having similar experience as detailed below.

| | | |
|---|---|---|
| 1 | Name of the Work | Survey & Planning for CAD&WM |
| 2 | No. of Works | 36 (Thirty Six) nos. |
| 3 | Bid Identification No. | JDSP-01/2026-27 |
| 4 | Estimated Cost (Tender Amount) | 5.45 lakh to 18.92 lakh |
| 5 | Earnest Money Deposit | As per DTCN (online payment mode) |
| 6 | Cost of Tender Paper | As per DTCN (online payment mode) |
| 7 | Period of Completion | 120 Days |
| 8 | Date & Time of availability of bid documents in the portal | 22.04.2026 (11:00 A.M.) to 02.05.2026 (05:00 P.M.) |
| 9 | Last Date/Time for receipt of bids in the portal | 02.05.2026 up to 5:00 P.M. |
| 10 | Date, Place & Time of opening of Technical Bid | 04.05.2026 at 11:00 A.M. in the O/o Joint Director, Survey & Planning, Bhubaneswar |
| 11 | Name and address of the Officer inviting Bid | Joint Director, Survey & Planning, OFMRDC Campus, Satyanagar, Bhubaneswar-751007 E-mail : jointdirectorspbbsr@gmail.com, Phone : 0674-2570357 |

Further details can be seen from the e-procurement portal : "https://tendersodisha.gov.in."
Sd./- Joint Director
OIPR-32001/32369/1/26-27/0001
Survey & Planning, Odisha, Bhuabneswar


# ପ୍ରଭାବତୀ ସ୍କୁଲରେ ସମ୍ବର୍ଦ୍ଧନା ଉତ୍ସବ

**ଟିଟିଲାଗଡ଼,୨୧।୪(ଶରତ ମିଶ୍ର)**

ନିକଟରେ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଟିଟିଲାଗଡ଼ ସହରର ପ୍ରଭାବତୀ ପବ୍ଲିକ ସ୍କୁଲର ସମସ୍ତ ପରୀକ୍ଷାର୍ଥୀ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ବିଦ୍ୟାଳୟର ୫୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୪୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶିକ୍ଷାନୁଷ୍ଠାନର ଆଲୋକ ପଟ୍ଟନାୟକ ୯୬ ପ୍ରତିଶତ, ନିଧି ଜୈନ ୯୫. ୬, ସାଇ ଅର୍ଣ୍ଣବ ସରାଫ ୯୫. ୪, ପ୍ରେରଣା ଗୁପ୍ତା ୯୪ ପ୍ରତିଶତ, ରାଘବ ଶର୍ମା ୯୩. ୬ ପ୍ରତିଶତ, ପ୍ରଗତି ପାତ୍ର ୯୧. ୮, ବଦ୍ରି ପ୍ରସାଦ ସାହୁ ୯୧. ୬, ଆଦର୍ଶ ୯୦. ୮, ଅନ୍ୱେଷ ଚନ୍ଦ୍ର ସାହୁ ୯୦. ୮, ଶାଶ୍ୱତ ପଟ୍ଟନାୟକ ୮୯. ୪ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ ଟେନ୍ ତାଲିକାଭୁକ୍ତ ହୋଇଛନ୍ତି। ମଙ୍ଗଳବାର ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଆନନ୍ଦ ଜୈନ, ପରିଚାଳନା ଟ୍ରଷ୍ଟି ଶ୍ୟାମଲତା ଅଗ୍ରୱାଲ, ସଦସ୍ୟା ସ୍ନିଗ୍ଧା ମହାନ୍ତି, ଏକାଡେମିକ ନିର୍ଦ୍ଦେଶକ ରବି ଯାଦବ, ନିର୍ଦ୍ଦେଶିକା ଧରିତ୍ରୀ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ସଭାରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର ଦାଶ ଏବଂ ଆଶିଷ ସାହୁ ସଭା ପରିଚାଳନା କରିଥିବା ବେଳେ କିଶୋର ଦାଶ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଉଦୟ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଯୁକ୍ତ ଦୁଇ ଛାତ୍ରୀ ଅଙ୍କିତା ରାଣୀ ଜାଲ, ସୋନାଲି ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ପ୍ରମୋଦ ପାଲ, ଚିତ୍ତରଞ୍ଜନ ଚାନ୍ଦ ତଥା ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC ODISHA MINING CORPORATION LTD. Mining Happiness

**Short Notice For Sale of Cement Grade Limestone**

**No.30001/8/2627** : The Odisha Mining Corporation Ltd. intends to sell Cement grade Limestone produced at Ampavalli Limestone Mines, Ampavalli, Pattangi, Koraput district, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M. on dtd.27.04.2026. For details, please visit the website of MSTC i.e. www.mstcecommerce.com.

OIPR-30001/30005/1/26-27/0008
Chief General Manager (S&M)

OHPC
OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022
Tel : 91-0674-2542983, 2542802, 2545526, 2542826, Fax : 2542102
E-Mail : ohpc.co@gmail.com / md@ohpcltd.com WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER NO. UIHEP-05/2026-27 DATED. 15.04.2026**

No.32001/81/2627 : Sealed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed firm / reputed service provider having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable in Rs.) | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Painting of metallic surface of Bus duct enclosure, NGT cubicle and LAVT panel of 4 x 150 MW Generator Sets of UIHEP, Mukhiguda | 4,720/- (inclusive of GST) | 5,920/- | From 22.04.2026 to 05.05.2026 up to 11:00 Hrs. | 05.05.2026 (up to 11:30 Hrs) | 05.05.2026 at 12:00 Hrs. |

For details of the tender documents, terms and conditions please visit our website www.ohpcltd.com
Sd./- C&P Head
OIPR-32001/32136/1/26-27/0004
UIHEP, Mukhiguda

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

**ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ**

No.3001/9/2627:ଛଉନୃତ୍ୟ ଅନୁଷ୍ଠାନ, ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗମଞ୍ଚ ଓ ନାଟକର ଉନ୍ନତି ନିମନ୍ତେ ଅନୁଦାନ ପାଇବା ପାଇଁ ପୂର୍ବବର୍ଷମାନଙ୍କ ଭଳି ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମିଳିତ ଭାବେ ଆଗ୍ରହୀ ସାଂସ୍କୃତିକ ଅନୁଷ୍ଠାନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥିନିମନ୍ତେ ଦରଖାସ୍ତ କରୁଥିବା ଅନୁଷ୍ଠାନଗୁଡ଼ିକ ୧୮୬୦ ମସିହାର ସୋସାଇଟି ରେଜିଷ୍ଟ୍ରେସନ ନିୟମ ଅନୁଯାୟୀ ଅନ୍ତତଃ ତିନି ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । ଯେଉଁ ବିଭାଗରେ ଆର୍ଥିକ ସହାୟତା ଚାହୁଁଛନ୍ତି, ସେହି ବିଭାଗରେ ଅନୁଷ୍ଠାନ ଅନ୍ତତଃ ତିନି ବର୍ଷ (୨୦୨୪-୨୫, ୨୦୨୩-୨୪,୨୦୨୨-୨୩) କାର୍ଯ୍ୟ କରୁଥିବା ବିବରଣୀ ଦେବେ । ଏହି କାର୍ଯ୍ୟ କରିବା ନିମନ୍ତେ ସଂପୃକ୍ତ ଅନୁଷ୍ଠାନର ସମ୍ବିଧାନରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ଥିବା ଆବଶ୍ୟକ । ଯେଉଁ ଯୋଜନା ପାଇଁ ଅନୁଦାନ ମଗାଯିବ ଫର୍ମ ଉପରେ ବଡ଼ ଅକ୍ଷରରେ ତା'ର ନାମ ଲେଖାଯିବା ଆବଶ୍ୟକ ଯେପରିକି "୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ" ଦରଖାସ୍ତଗୁଡ଼ିକ ସଂପୃକ୍ତ ବିବରଣୀ ସହ ନିମ୍ନ ଠିକଣାରେ କେବଳ ଡାକ ଯୋଗେ ତା.୩୦.୦୫.୨୦୨୬ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ବିଭାଗୀୟ ନିଷ୍ପତ୍ତି ଅନୁଯାୟୀ ଅନୁଦାନ ପାଇବା ପାଇଁ ଇଚ୍ଛୁକ ରେଜେଷ୍ଟ୍ରିଭୁକ୍ତ ସାଂସ୍କୃତିକ ଅନୁଷ୍ଠାନମାନେ ଆବେଦନପତ୍ର ସହିତ ଟ.୧୦/-ଙ୍କାର ଅଣନ୍ୟାୟିକ କାଗଜରେ ଚୁକ୍ତିନାମା (Agreement in Non-Judicial Stamp Paper worth Rs.10/- only), ସାଦା କାଗଜରେ ଅଙ୍ଗୀକାର ପତ୍ର (Undertaking in plain paper) ନିର୍ଦ୍ଦିଷ୍ଟ ଫର୍ମରେ (OGFR-23 & 24) ପୂର୍ବବର୍ଷ (୨୦୨୩-୨୪ ଆର୍ଥିକ ବର୍ଷ) ଅନୁଦାନର ବିନିଯୋଗ ପ୍ରମାଣପତ୍ର (Utilization Certificate) ଦୁଇ କିତା ସହ ଅନୁଷ୍ଠାନର ବ୍ୟାଙ୍କ ଖାତା ନମ୍ବର, IFSC ଓ ବ୍ୟାଙ୍କର ନାମ ସହିତ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ଜରୁରୀ ଅଟେ । ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟ ପାଇଁ ଅନୁଦାନ ନିମନ୍ତେ ୨୦୨୫-୨୬ ଆର୍ଥିକ ବର୍ଷର ପରୀକ୍ଷା ଫଳାଫଳ ସୂଚୀ (Result Sheet) ଓ ଯେଉଁ ଏକାଡେମୀ ସହ ଅନୁବନ୍ଧିତ ତା'ର ସାର୍ଟିଫିକେଟ ଦେବେ । ଅସମ୍ପୂର୍ଣ୍ଣ ଫର୍ମ କିମ୍ବା ମଗାଯାଇଥିବା ଉପରୋକ୍ତ ଡକ୍ୟୁମେଣ୍ଟ ନ ଦେଇଥିଲେ ଆବେଦନ ବିଚାରକୁ ନିଆଯିବ ନାହିଁ ।

ରାଜ୍ୟ ସରକାର ପ୍ରଣୀତ ଆଇନ (Grant-in-Aid Rules, 1973 as amended in 1986) ଅନୁଯାୟୀ ଅନୁଦାନ ପରିମାଣ, ମଞ୍ଜୁରୀ ଦେବା ନ ଦେବା, ଦରଖାସ୍ତ ଖାରଜ କରିବା ଆଦିର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ କର୍ତ୍ତୃତ୍ୱାଧୀନ ଅଟେ । ଏ ସମ୍ପର୍କରେ କୌଣସି କୋର୍ଟ କଚେରିର ଆଶ୍ରୟ ନିଆଯାଇପାରିବ ନାହିଁ । ଅଧିକ ସୂଚନା ପାଇଁ ତଥା ଆବଶ୍ୟକୀୟ ଦସ୍ତାବିଜର ନକଲ ପାଇବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟ www.odisha-culture.gov.in କୁ ବ୍ୟବହାର କରିପାରନ୍ତି ।

ସ୍ୱା./-ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
OIPR-3001/3029/1/26-27/0008
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

# ସୁବର୍ଣ୍ଣପୁରରେ ୧୭ ଯୋଡ଼ା କନ୍ୟାବରଙ୍କ ବିବାହ

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ବିବାହ ଉତ୍ସବ

ସୋନପୁର,୨୧।୪(ମୃତ୍ୟୁଞ୍ଜୟ ଶତପଥୀ)

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସୋମବାର ସୁବର୍ଣ୍ଣପୁର ଜିଲା ମୁଖ୍ୟାଳୟସ୍ଥିତ ଟାଉନ ହଲ ପ୍ରାଙ୍ଗଣରେ ଜିଲାସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଛି। ଏଥିରେ ସୁବର୍ଣ୍ଣପୁରରେ ୧୭ ଯୋଡ଼ା କନ୍ୟାବରଙ୍କ ବିବାହ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସରକାରୀ ସହାୟତା ନୁହେଁ, ଏହା ବାଲ୍ୟବିବାହ ବିରୋଧରେ ଏକ ସଂକଳ୍ପ, ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ଓ କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ଼ ପଦକ୍ଷେପ। ଏହି ଯୋଜନା କେବଳ ବିବାହ ଉତ୍ସବ ନୁହେଁ, ବରଂ ସାମାଜିକ ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ଦିଗରେ ଓଡ଼ିଶା ସରକାରଙ୍କ ଏକ ଦୃଢ଼ ସଂକଳ୍ପ। ବିଧବା ବିବାହକୁ ପ୍ରୋତ୍ସାହନ ଦେବା ହେଉଛି ଏହି ଯୋଜନାର ସ୍ୱତନ୍ତ୍ର ବିଶେଷତା। ସମ୍ମାନିତ ଅତିଥି ଭାବେ ଜିଲାପାଳ ଡ. ନୃପରାଜ ସାହୁଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳୀନା ପ୍ରଧାନ, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ଡିଏସ୍‌ପି ରେଣୁକା ସୁନା, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ବୀଣାପାଣି ମିଶ୍ର, ସାମାଜିକ କର୍ମୀ ନଳିନୀ ପଣ୍ଡା, ବେଣୁଧର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ରେଆର ଅନୁଷ୍ଠାନର ଅନଙ୍ଗ ନେଗୀ ଏବଂ ମନୋଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଜିଲାର ୫ଟି ବ୍ଲକରୁ ୩ ଲେଖାଏ ଯୋଡି ଆସିଥିବାବେଳେ ବିନିକା ବ୍ଲକରୁ ୨ଟି ଯୋଡି ଆସିଥିଲେ। ସେମାନଙ୍କ ମଧ୍ୟରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ସାଧାରଣ ବର୍ଗର କନ୍ୟାବର ରହିଥିଲେ। ବିବାହ କରିଥିବା ସମସ୍ତ ୧୭ ଜଣ କନ୍ୟାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୪୫ ହଜାର ଟଙ୍କା ସିଧାସଳଖ କନ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ପଠା ଯାଇଥିବାବେଳେ ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି। ଏହି କାର୍ଯ୍ୟକ୍ରମ ପରିବାରବର୍ଗ ଏବଂ ଜିଲା ପ୍ରଶାସନ ତଥା ସମାଜ କଲ୍ୟାଣ ବିଭାଗର ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଛି। ବିବାହ ସମ୍ପୂର୍ଣ୍ଣ ପରେ ସମସ୍ତ ନବବିବାହିତ ଦମ୍ପତି ଯୌତୁକ ପ୍ରଥା ବିରୋଧରେ ପ୍ରତିଜ୍ଞା ନେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲ। ବିବାହ ପରେ ଗୋଟିଏ ଲେଖାଏ ବଉଳ ଗଛ ସମସ୍ତ ଦମ୍ପତିଙ୍କୁ ପ୍ରଦାନ କରାଯାଇଥିଲା। ସେମାନେ ଏହାର ଯତ୍ନ ନେବେ ଏବଂ ସେହି ଗଛର ଜୀବନ ତାଙ୍କର ବିବାହ ସମୟର ପ୍ରତୀକ ହେବ। ଏହି ଅବସରରେ ବିଧାୟକ ଜଗଦଲା ମଧ୍ୟ ସମସ୍ତ ନୂତନ ଦମ୍ପତିଙ୍କୁ ଉପହାର ଦେଇଥିଲେ। ଜିଲା ଓଏଏସ୍ ଏବଂ ଓଆର୍‌ଏସ୍ ସଂଘ ପକ୍ଷରୁ ମଧ୍ୟ ସେମାନଙ୍କୁ ଗୋଟିଏ ଲେଖାଏ ହାତଘଣ୍ଟା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ ଉପସ୍ଥିତ ରହି ସାମୂହିକ ବିବାହକୁ ସଫଳ କରିବାରେ ସହଯୋଗ କରିଥିଲେ।



ଅତିଥି, ଅଧିକାରୀଙ୍କ ଗହଣରେ ଉପସ୍ଥିତ ନବଦମ୍ପତି।

## ସଂକ୍ଷେପରେ

### ଶଙ୍କରାରେ ପଞ୍ଚସଖା ଶିକ୍ଷା ସେତୁ ପୁରାତନ ଛାତ୍ର କମିଟି ଗଠିତ

ବିନିକା,୨୧।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ବ୍ରଜବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପଞ୍ଚସଖା ଶିକ୍ଷା ସେତୁ ପୁରାତନ ଛାତ୍ରୀଛାତ୍ରଙ୍କ କମିଟି ଗଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବାଶିଷ ମହାରଣାଙ୍କ ସଭାପତିତ୍ୱ ଅନୁଷ୍ଠିତ ବୈଠକତ୍‌ରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଶଶିଭୂଷଣ ଶତପଥୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୈକୁଣ୍ଠର ଦଣ୍ଡସେନା ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚଶିକ୍ଷା ସେତୁ ଉପରେ ଆଲୋଚନା କରଯାଇଥିଲା। ପରେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ୮ ଜଣିଆ କମିଟି ଗଠିତ ହୋଇଥିଲା। କମିଟିର ସଭାପତି ଭାବେ ଗୋଦାବରୀଶ ପ୍ରଧାନ, ଉପ ସଭାପତି ଅଲେଖ କର୍ଣ୍ଣ, ଆବାହକ ଭାବେ ଗଜେନ୍ଦ୍ର ସେଠୀଙ୍କୁ ମନୋନୀତ କରାଯାଇଛି। ୨୦୨୭ ମସିହାରେ ହେବାକୁ ଥିବା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ବୈଠକରେ ଆଲୋଚନା କରଯାଇଥିଲା। ସମସ୍ତ ଛାତ୍ରୀଛାତ୍ର ଏକାଠି ହେବାପାଇଁ ବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ରଙ୍କ ତାଲିକା ବିତରଣ କରାଯାଇଥିଲା। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଏବଂ ସୁବର୍ଣ୍ଣ ଜୟନ୍ତୀକୁ କିପରି ସାଫଲ୍ୟମଣ୍ଡିତ କରାଯାଇପାରିବ, ସେ ନେଇ ସମସ୍ତେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଶିକ୍ଷକ ଭକ୍ତରାମ ମେହେର ଧନ୍ୟବାଦ ଦେଇଥିଲେ।

### ପୂର୍ବତନ ବ୍ଲକ ଉପାଧ୍ୟକ୍ଷାଙ୍କ ସ୍ୱାମୀଙ୍କ ପରଲୋକ



ଅରବିନ୍ଦ ପୁରୋହିତ।

ଅମରପାଲି,୨୧।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ (ବାବୁପାଲି) ଗ୍ରାମର ଅରବିନ୍ଦ ପୁରୋହିତ (୭୨)ଙ୍କ ସୋମବାର ବିଳମ୍ବିତ ରାତ୍ରରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଅରବିନ୍ଦ ବୀରମହାରାଜପୁର ବ୍ଲକର ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ନୀତୁ ପୁରୋହିତଙ୍କ ସ୍ୱାମୀ ଅଟନ୍ତି। ରାତିରେ ଖାଇ ସାରି ଶୋଇଥିଲେ। ବିଳମ୍ବିତ ରାତ୍ରରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ବେଳେ ସକାଳୁ ଜଣାପଡ଼ିଥିଲା। ଅରବିନ୍ଦଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜ ଗୋପାଳ ପାଣିଗ୍ରାହୀ, ଲୁଡୁରପଙ୍କ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ,ପୂର୍ବତନ କୃଷକ ମୋର୍ଚ୍ଚା ସଭାପତି ରଘୁବୀର ପାଣିଗ୍ରାହୀଙ୍କ ସମେତ ଅନେକ ବ୍ୟକ୍ତି ବିଶେଷ ଆସି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ନୀତୁ, ବଡ଼ଝିଅ ମାଳବିକା, ସାନଝିଅ ସୁମନ, ୨ ଜ୍ୱାଇଁଙ୍କ ସମେତ ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବଡ଼ ଝିଅଙ୍କ ପୁଅ ସାଇ ପାଢ଼ୀ ମୁଖାଗ୍ନି ଦେଇଥିଲେ।

# ବିଧାୟକଙ୍କ ବିରୋଧରେ ସୋସିଆଲ ମିଡିଆରେ ମିଥ୍ୟା ଆରୋପ

## ଉଲୁଣ୍ଡା ଥାନାରେ ବିଧାୟକ ସମର୍ଥକଙ୍କ ଏତଲା

ଉଲୁଣ୍ଡା,୨୧।୪(ମହେଶ ରଞ୍ଜନ ପୁରୋହିତ)

ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କୁ ସୋସିଆଲ ମିଡିଆରେ ପ୍ରକାଶ ପଧାନ ନାମକ ବ୍ୟକ୍ତି ସୋସିଆଲ ଟକ ନାମରେ ଫେସ୍‌ବୁକରେ ମିଥ୍ୟା ଆରୋପ ଲଗାଇଥିବା ଅଭିଯୋଗ ହୋଇଥିଲା। ଏହାଦ୍ୱାରା ବିଧାୟକଙ୍କ ସମ୍ମାନହାନି ହୋଇଥିବାରୁ ଉଲୁଣ୍ଡା ଥାନାରେ ଏତଲା ଦେଇଛନ୍ତି ଅଞ୍ଚଳର ମୁକ୍ତ କୁମାର ବାଘ। ଗତ ୧୪ ତାରିଖ ମଧ୍ୟାହ୍ନରେ ବୀରମହାରାଜପୁର ମୁଖ୍ୟ ଛକରେ ଶ୍ରୀରାମଙ୍କ ଫଟୋ ଚିରା ଭଳି ଦୁର୍ଭାଗ୍ୟଜନକ ଘଟଣାରେ ବିଧାୟକ ମର୍ମାହତ ହୋଇଥିଲେ। ଉକ୍ତ ଘଟଣା ସମୟରେ ବିଧାୟକ ଜଗଦଲା ଘଟଣାସ୍ଥଳରେ ଉପସ୍ଥିତ ନ ଥିଲେ। ସେ ଉଲୁଣ୍ଡାସ୍ଥିତ ଏକ କାର୍ଯ୍ୟକ୍ରମରେ ଥିବାବେଳେ ବିଧାୟକଙ୍କୁ ଦୋଷ ଦେଇ ବିଧାୟକଙ୍କ ଉପସ୍ଥିତିରେ ଏମିତି କାଣ୍ଡ ହୋଇଛି ବୋଲି କହି ସୋସିଆଲ ମିଡ଼ିଆରେ ତାଙ୍କୁ ବଦନାମ ଉଦ୍ୟମ ହୋଇଥିଲା। ଏହାଦ୍ୱାରା ସାଧାରଣଜନତାଙ୍କ ମନରେ ଭାଜପା ବିଧାୟକଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରିବା ଉଦ୍ଦେଶ୍ୟ ଥିବା ବାଘ ଅଭିଯୋଗ କରିଛନ୍ତି। ଏ ସମୟରେ କେତେଜଣ ଅନ୍ୟ ରାଜନୈତିକ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ। ମାତ୍ର ଉଦ୍ଦେଶ୍ୟମୂଳକ ଭାବେ ବିଧାୟକ ଓ ଭାଜପାକୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର ହୋଇଛି। ଏଣୁ ଉପଯୁକ୍ତ ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାରେ ଏତେଲା ଦିଆଯାଇଛି।

# ଆଜିଠାରୁ ଗ୍ରାମାଞ୍ଚଳରେ ଜମି ପଟ୍ଟା ବଣ୍ଟନ

ସୋନପୁର,୨୧।୪ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ଅଧିବାସୀଙ୍କ ପାଇଁ ଖୁସି ଖବର। ବୁଧବାରଠାରୁ ଗ୍ରାମାଞ୍ଚଳର ଜମି ମାଲିକଙ୍କୁ ପର୍ଯ୍ୟାୟକ୍ରମେ ହାଇଟେକ୍ ସର୍ଭେର ପଟ୍ଟା ମିଳିବ। ଜିଲାର ସମସ୍ତ ୬ଟି ତହସିଲ ପକ୍ଷରୁ ଶିବିର ଆୟୋଜନ କରି ପଟ୍ଟା ବଣ୍ଟନ କରାଯିବ ବୋଲି ଜିଲାପାଳ ଡ. ନୃପରାଜ ସାହୁ ମଙ୍ଗଳବାର ସନ୍ଧ୍ୟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ସର୍ଭେ ସରିବା ସହ ଜିଲାର ସମସ୍ତ ଜମି ମାଲିକଙ୍କୁ ପଟ୍ଟା ବଣ୍ଟନ କରାଯିବ ବୋଲି ଜିଲାପାଳ ସାହୁ କହିଛନ୍ତି। ଏହା ଜିଲାବାସୀଙ୍କୁ ବେଶ ଆଶ୍ୱସ୍ତି କରିଛି।

ସୂଚନା ଅନୁଯାୟୀ, ଜମିର ଡିଜିଟାଲାଇଜେସନ ପାଇଁ ରାଜ୍ୟ ସରକାର ସୁବର୍ଣ୍ଣପୁର, ଦେବଗଡ ଓ ସୁନ୍ଦରଗଡ ଭଳି ଅଳ୍ପ କିଛି ଜିଲାରେ ପରୀକ୍ଷାମୂଳକ ଭାବେ ହାଇଟେକ୍ ସର୍ଭେ କାମ ଆରମ୍ଭ କରିଥିଲେ। ଏହିକ୍ରମରେ ସୁବର୍ଣ୍ଣପୁର ଜିଲାର ଗ୍ରାମାଞ୍ଚଳରେ ୨୦୧୭ ମସିହାରୁ ହାଇଟେକ୍ ସର୍ଭେ କାମ ଆରମ୍ଭ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଜିଲାବାସୀଙ୍କୁ ତାହାର ସୁଫଳ ମିଳିନି। ଜମି ମାଲିକଙ୍କୁ ନିଜ ଜମିର ପଟ୍ଟା ପାଇବା ପାଇଁ ଦୀର୍ଘବର୍ଷ ଅପେକ୍ଷା କରିବାକୁ ପଡୁଛି। କେବେ ପଟ୍ଟା ମିଳିବ ତାର ଉତ୍ତର ଜିଲାର ରାଜସ୍ୱ ଅଧିକାରୀଙ୍କ ପାଖରେ ନାହିଁ। ପଟ୍ଟା ପାଇବା ପାଇଁ ଜମି ମାଲିକଙ୍କୁ ହଇରାଣ ହେବାକୁ ପଡୁଛି। ଏ ସମ୍ପର୍କରେ ଧରିତ୍ରୀରେ ଫେବୃୟାରୀ ୨୭ରେ ୮ ବର୍ଷ ବିତିଲା, ଜମି ମାଲିକଙ୍କୁ ପଟ୍ଟା ମିଳୁନି ଶିର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦୃଷ୍ଟିକୁ ଆସିଥିଲା। ସେ ଏ ଦିଗରେ ତ୍ୱରିତ ପଦକ୍ଷେପ ଦେବାକୁ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ବୈଠକ କରିଥିଲେ। ଜିଲାପାଳ ଡ. ସାହୁ ଓ ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଏଥିରେ ଉପସ୍ଥିତ ଥିଲେ। ଜମି ମାଲିକଙ୍କୁ ପଟ୍ଟା ବଣ୍ଟନ କରିବା ସହ ସମସ୍ତ କାମ ସାରିବାକୁ ମନ୍ତ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଥିଲେ।

ଜିଲାର ୬ଟି ତହସିଲ ଅଞ୍ଚଳରେ ହାଇଟେକ୍ ସର୍ଭେ ଆରମ୍ଭ ପରେ ୨୦୧୮ ମସିହାରୁ ନୂତନ ପଟ୍ଟା ମିଳୁ ନ ଥିଲା। ଜିଲାର ମୋଟ ୯୫୪ ରାଜସ୍ୱ ଗ୍ରାମରେ ହାଇଟେକ୍ ସର୍ଭେ ଚାଲିଛି। ସେଥିରୁ ସୋନପୁର ତହସିଲରେ ୭୮ ଗ୍ରାମ, ତରଭା ତହସିଲରେ ୧୨୦ ଗ୍ରାମ, ବିନିକା ତହସିଲରେ ୫୧ ଗ୍ରାମ, ରାମପୁର ତହସିଲରେ ୫୮ ଗ୍ରାମ, ବୀରମହାରାଜପୁର ତହସିଲରେ ୧୨୭ ଗ୍ରାମ ଓ ଉଲୁଣ୍ଡା ତହସିଲରେ ୧୭୪ ରାଜସ୍ୱ ଗ୍ରାମ ସର୍ବମୋଟ ୬୦୮ ରାଜସ୍ୱ ଗ୍ରାମରେ ଫାଇନାଲ ପଟ୍ଟା ହୋଇଛି। ମାତ୍ର ଜମି ମାଲିକଙ୍କୁ ପଟ୍ଟା ମିଳି ନ ଥିଲା। ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝୀ, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ ଓ ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର ଉପସ୍ଥିତ ଥିଲେ।



ସୁବର୍ଣ୍ଣପୁର ଜିଲାପାଳ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

## ହାଇଟେକ୍ ସର୍ଭେ ପାଇଁ ୮ ବର୍ଷ ଧରି ଜମିମାଲିକଙ୍କୁ ପଟ୍ଟା ମିଳୁ ନ ଥିଲା

# ଭାରସାମ୍ୟ ହରାଇ ପୋଲ ତଳକୁ ଖସିଲା ଟ୍ରାକ୍ଟର, ଚାଳକ ମୃତ

ବୀରମହାରାଜପୁର,୨୧।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଜଲୋଏ ପଞ୍ଚାୟତ ଅନ୍ତର୍ଗତ କେଶଲପୁରା ନିକଟସ୍ଥ ପୋଲ ଉପରୁ ଭାରସାମ୍ୟ ହରେଇ ଏକ ଟ୍ରାକ୍ଟର ଖସି ଚାଳକଙ୍କ ଘଟଣାସ୍ଥଳରେ ଚାପି ହୋଇ ମୃତ୍ୟୁ ଘଟିଛି। ସେ ହେଲେ କେଶଲପୁରା ଗାଁର ଅବିନାଶ ନାଏକ(୨୨)। ସୋମବାର ବିଳମ୍ବିତ ରାତିରେ ବାଘଲପୁର ଗାଁରେ ଏକ ଝିଅ ବାହାଘର ପାଇ ପାଣି ଟାଙ୍କି ଆଣିବାକୁ ଗାଡି ନେଇ ରାତିରେ ଅବିନାଶ ବାହାରି ଥିଲେ। ହେଲେ ରାତିରେ ପାଣି ଟାଙ୍କି ଦେବାକୁ ଟାଙ୍କି ମାଲିକ ମନା କରିବାରୁ ସେ ଗାଡି ନେଇ ଫେରୁଥିବା ସମୟରେ କେଶଲପୁରା ଯୋର ନିକଟରେ ଟ୍ରାକ୍ଟରର ଆଗ ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡିଥିଲେ। ଟ୍ରାକ୍ଟରର ବସିଥିବା ଅନ୍ୟ ଜଣେ ବ୍ୟକ୍ତି ଛିଟିକି ପଡିଥିବା ବେଳେ ଚାଳକ ଅବିନାଶ ପୋଲ ତଳକୁ ଖସି ପଡି ଭିତରେ ଚାପି ହୋଇଯାଇଥିଲେ। କିନ୍ତୁ ସାଙ୍ଗରେ ଥିବା ଅନ୍ୟ ବ୍ୟକ୍ତି ଜଣକ ଏ ନେଇ ଗାଡି ମାଲିକ ଓ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଅବିନାଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ ଅବିନାଶଙ୍କ ଗତବର୍ଷ ବିବାହ ହୋଇଥିବା ବେଳେ ତାଙ୍କର ଏକ ପୁତ୍ର ସନ୍ତାନ ଅଛି। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ନଂ. ୯୩/୨୬ରେ ମାମଲା ରୁଜୁ କରି ଧର୍ମଶାଳା ଫାଣ୍ଡି ଅଧିକାରୀ ଶୁଭେନ୍ଦୁ କୁମାର ସିଂ ବାବୁ ଅଧିକ ତଦନ୍ତ ଚଳାଇଛନ୍ତି। ଅବିନାଶଙ୍କ ପରିବାରର ଏକ ମାତ୍ର ରୋଜଗାରିଆ ପୁଅ ହୋଇଥିବାରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

# ଦୀପପାଲିକୁ ହରାଇ ଖାରି ଦଳ ଚାମ୍ପିୟନ

## ମା' ମାହେଶ୍ୱରୀ ୨ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବିନିକା,୨୧।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଡଭଲା ଗ୍ରାମଠାରେ ୪ ତମ ମା' ମାହେଶ୍ୱରୀ ୨ ଦିନିଆ ରାତ୍ରି କ୍ରିକେଟ ମ୍ୟାଚର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଦୀପପାଲୀ ଓ ଖାରି ମଧ୍ୟରେ ହୋଇଥିଲା। ଦୀପପାଲୀ ଦଳ ପ୍ରଥେମେ ବ୍ୟାଟିଂ କରି ୭୯ ରନର ଟାର୍ଗେଟ ଦେଇଥିଲେ। ୭ ଓଭରରେ ୮୦ ରନ କରି ଖାରି ଦଳ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚରେ ପ୍ରଭାତ ନାଏକ ଓ ଅବିନାଶ ନାୟକ, ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ଶଶାଙ୍କ ଶେଖର ଦାଶ ଓ ଭବାନୀ ଶଙ୍କର ଜଗଦଲା ମ୍ୟାଚରେ ଧାରା ବିବରଣୀ ଦେଇଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଚାଷୀ ନେତା ତଥା ସାମାଜିକ କର୍ମୀ ଭୀମସେନ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାଜପାର ସଦସ୍ୟ ଭୁବନେଶ୍ୱର ପାତ୍ର, ପଶ୍ଚିମ ଓଡ଼ିଶାର ଜଣାଶୁଣା କୀର୍ତ୍ତନ କଳାକାର ପ୍ରଣବନ୍ଧୁ ପାଢ଼ୀ, ଡଭଲା ଗ୍ରାମର ଯୁବକ ସଂଘ ସଭାପତି ଗୋପାଳ ଚନ୍ଦ୍ର ବାରିକ, ବିନିକା ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ସୃଜନ ପଣ୍ଡା, କ୍ରିକେଟ ପ୍ରେମୀ ସତ୍ପେଶ୍ୱର ନାଏକ ଯୋଗଦେଇ ଖେଳର ମଜା ନେବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମା' ମାହେଶ୍ୱରୀ ରାତ୍ରି କ୍ରିକେଟ ମ୍ୟାଚକୁ ସଫଳ କରିବାରେ ଗ୍ରାମର ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# ଚରଦା ରାମଲୀଳା ଶେଷ: ରାବଣ ବଧ, ରାମଙ୍କ ରାଜାଭିଷେକ

ବିନିକା,୨୧।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ରଘୁନାଥ ନାଟ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ରାମ ନବମୀଠାରୁ ଚାଲିଥିବା ରାମଲୀଳା ରାବଣ ବଧ ଓ ରାମଙ୍କ ରାଜ୍ୟାଭିଷେକ ସହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ରାମଲୀଳାର ବିଭିନ୍ନ ସନ୍ଧ୍ୟାରେ ରାମଜନ୍ମଠାରୁ ଆରମ୍ଭ କରି ଶିବଧନୁ ଭଗ୍ନ, ସୀତା ବିବାହ, ରାମଙ୍କ ବନବାସ, ସୀତା ଚୋରି, ଲଙ୍କା ଦହନ, ସୀତା ଠାବ, ସେତୁବନ୍ଧ ପ୍ରତିଷ୍ଠା, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ, ତରଣୀ ସେନ ବଧ ସହ ସୋମବାର ରଜନୀରେ ରାମ ଓ ରାବଣ ମଧ୍ୟରେ ଯୁଦ୍ଧ ହୋଇ ରାବଣ ନିଧନ ହୋଇଥିଲା। ପରେ ପ୍ରଭୁ ରାମଚନ୍ଦ୍ର ବିଭୀଷଣଙ୍କୁ ଲଙ୍କା ରାଜସିଂହାସନରେ ରାଜା କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରି ରାଜା ହୋଇଥିଲେ। ଏଥିରେ ପୂଜକ ଭାବେ ମୁକୁନ୍ଦ ପୁରୋହିତ ପୂଜାର୍ଚ୍ଚନା କରିଥିଲେ। ମ୍ୟାନେଜର ନୀଳାମ୍ବର ଥନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ନାଟର ବିଭିନ୍ନ ଭୂମିକାରେ ଭାଗ୍ୟଧର ଥନାପତି, ସୌମିତ୍ରି ଥନାପତି, ରାଜୁ ଥନାପତି, ଶିବ ପୁରୋହିତ, ସଦାନନ୍ଦ ବାରିକ, ସୂର୍ଯ୍ୟ ଥନାପତି, ଜଗନ୍ନାଥ ଥନାପତି ପ୍ରମୁଖ ଅଭିନୟ କରିଥିଲେ। ଲୀଳାର ଗୀତକୁ ଆନନ୍ଦ ଥନାପତି ଗାନ କରିଥିବାବେଳେ ବାଦ୍ୟଯନ୍ତ୍ରରେ ହରି ବାରିକ, ଦିଲୀପ ଥନାପତି, ବଳରାମ ବେରିହା, ଆଶିଷ ବାରିକ ସହଯୋଗ କରିଥିଲେ। ଶେଷ ରାତ୍ରିରେ ଲୀଳା ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରଘୁନାଥ ପଡାବାସୀ ସହଯୋଗ କରିଥିଲେ।

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Fax-2340096, website-http://www.osscltd.in

**Short e-Tender Call Notice for Engagement of transport contractors for transportation of seeds-2026-27**
**NIT No. - OSSC/Mktg-55/2026**

**No.1001/17/2627** : Managing Director, Odisha State Seeds Corporation Ltd. invites e-Tender from transport contractors for transporation of seeds during 2026 & 2027.
Interested bidders may visit the e-tender portal i.e. www.tendersodisha.gov.in for downloading the documents in detail.
Last date of receipt of tender in portal - **27.04.2026 up to 05.30 P.M.**

Sd./- Managing Director
OSSC Ltd., BBSR
OIPR-1001/1045/1/26-27/0003

GOVERNMENT OF ODISHA
DEPARTMENT OF WATER RESOURCES (CAD)
**OFFICE OF THE JOINT DIRECTOR, SURVEY AND PLANNING, ODISHA, BHUBANESWAR**
OFMRDC CAMPUS, SATYANAGAR, BHUBANESWAR-751007
E-mail : jointdirectorspbbsr@gmail.com, Phone : 0674-2570357
"e" PROCUREMENT NOTICE
Bid Identification NO. JDSP-01/2026-27

No.32001/86/2627 : The Joint Director, Survey and Planning, CAD, Odisha on behalf of Governor of Odisha invites **Percentage Rate Bid in Single Cover System in ONLINE Mode** from eligible class of Contractors/Registered Organisation or Firm having similar experience as detailed below.

| | | |
|---|---|---|
| 1 | Name of the Work | Survey & Planning for CAD&WM |
| 2 | No. of Works | 36 (Thirty Six) nos. |
| 3 | Bid Identification No. | JDSP-01/2026-27 |
| 4 | Estimated Cost (Tender Amount) | 5.45 lakh to 18.92 lakh |
| 5 | Earnest Money Deposit | As per DTCN (online payment mode) |
| 6 | Cost of Tender Paper | As per DTCN (online payment mode) |
| 7 | Period of Completion | 120 Days |
| 8 | Date & Time of availability of bid documents in the portal | 22.04.2026 (11:00 A.M.) to 02.05.2026 (05:00 P.M.) |
| 9 | Last Date/Time for receipt of bids in the portal | 02.05.2026 up to 5:00 P.M. |
| 10 | Date, Place & Time of opening of Technical Bid | 04.05.2026 at 11:00 A.M. in the O/o Joint Director, Survey & Planning, Bhubaneswar |
| 11 | Name and address of the Officer inviting Bid | Joint Director, Survey & Planning, OFMRDC Campus, Satyanagar, Bhubaneswar-751007 E-mail : jointdirectorspbbsr@gmail.com, Phone : 0674-2570357 |

Further details can be seen from the e-procurement portal : "https://tendersodisha.gov.in."
Sd./- Joint Director
Survey & Planning, Odisha, Bhuabneswar
OIPR-32001/32369/1/26-27/0001

# କନ୍ଧ ସମାଜର ଇଷ୍ଟଦେବୀ କନ୍ଧେନ ବୁଢ଼ୀଙ୍କ ଖମ୍ବ ସ୍ଥାପନ

## ଝାଙ୍କରଙ୍କୁ ଗଡୁ ଧରା ଉତ୍ସବ

ତରଭା,୨୧।୪(ମାନଭଞ୍ଜନ ମିଶ୍ର)

ରୀତିନୀତି, ପରମ୍ପରା ଓ ସଂସ୍କୃତି ଭିନ୍ନ ରୂପ ନେଇ ନିଜ ଜୀବନ ଶୈଳୀ କନ୍ଧ ସମାଜ ଭିନ୍ନ ଅଟେ। କନ୍ଧ ସମାଜର ଇଷ୍ଟ ଦେବୀ କନ୍ଧେନ ବୁଢ଼ୀଙ୍କ ପ୍ରତିମା ଖମ୍ବ ସ୍ଥାପନ, କାଠ ସଂଗ୍ରହ ଓ ଝାଙ୍କରଙ୍କୁ ଗଡୁ ସହ ଝାଙ୍କରୀ ଦାୟିତ୍ୱ ପ୍ରଦାନ ରେଙ୍ଗସା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ତରଭା ବ୍ଲକ ଆଦିବାସୀ କନ୍ଧ ସମାଜର ସଭାପତି ବଳଭଦ୍ର କୁଅଁର ଓ ମିଡ଼ିଆ ସେଲ ସଭାପତି ସାଧବ କୁଅଁରଙ୍କ ତତ୍ତ୍ୱାବଧାନରେ ରେଙ୍ଗସାର ଭଏରୀ ଗୁଡା ଅଗଣା ଅଗନୀ ଜଙ୍ଗଲରୁ କନ୍ଧେନ ବୁଢ଼ୀଙ୍କ ବିଗ୍ରହ ଗଛ (ଖୁଣ୍ଟ) ସମାଜର ପରମ୍ପରା ରୀତିନୀତି ଅନୁଯାୟୀ ରବିବାର ଅଣାଯାଇଥିଲା। ସୋମବାର ପବିତ୍ର ଅକ୍ଷୟ ତୃତୀୟରେ ରେଙ୍ଗସା ଗ୍ରାମରେ ଅଞ୍ଚଳର ୭ ଭାଇ ଶକ୍ତି, ୮ ଭାଇ ପୁଅ ନାତି, ୧୨ ଭାଇ ୩୨ କନ୍ଧ ଗ୍ରାମର ପୁଅ ପରଜା, ପଡୋଶୀ ଗ୍ରାମର ଭାଇ ଓ ବନ୍ଧୁଙ୍କ ଉପସ୍ଥିତରେ ମା' କନ୍ଧେନ ବୁଢ଼ୀଙ୍କ ବିଗ୍ରହ ଖମ୍ବ ଦେହେରି ପଞ୍ଚା କୁଅଁରଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା। ଏହି ଅବସରରେ ମାର୍କଣ୍ଡ କୁଅଁରଙ୍କ ପୁଅ ଲାଲବାବୁ କୁଅଁରଙ୍କୁ ରେଙ୍ଗସା ଗ୍ରାମର କନ୍ଧ ସମାଜର ଝାଙ୍କର ଦାୟିତ୍ୱ ପ୍ରଦାନ ଓ ଗଡୁ ଧରା ଦାୟିତ୍ୱ ସମାଜ ପକ୍ଷରୁ ପ୍ରଦାନ କରାଯାଇଥିଲା। ପରେ ରେଙ୍ଗସା ଗ୍ରାମର ମଙ୍ଗଳ ସକାଶେ ସମସ୍ତଙ୍କ ସହମତିରେ ମା' କନ୍ଧେନ ବୁଢ଼ୀ ପୀଠରେ ଭୁଙ୍ଗା ତୁଷା (ଘୁଷୁରା) ଉପରେ ପାଣି ଢଳା ଯାଇଥିଲା। ଏହି କାର୍ଯ୍ୟକ୍ରମରେ କନ୍ଧ ସମାଜର ବଳଭଦ୍ର କୁଅଁର, ନେତ୍ର ବାଘ, ଶ୍ରୀମତ ବାରିକ, ୱାର୍ଡ ସଭ୍ୟ ନୀଳମଣି ରଣା, ରାଜକିଶୋର କୁଅଁର, ଉଗ୍ରେସନ ମାଝୀ, ଦେବରାଜ କୁଅଁରଙ୍କ ସମେତ ସ୍ଥାନୀୟ ନେତୃ ସ୍ଥାନୀୟ ବ୍ୟକ୍ତି ଅଞ୍ଚଳବାସୀ ଉପସ୍ଥିତ ଥିଲେ।

**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC ODISHA MINING CORPORATION LTD. Mining Happiness

**Short Notice For Sale of Cement Grade Limestone**

**No.30001/8/2627** : The Odisha Mining Corporation Ltd. intends to sell Cement grade Limestone produced at Ampavalli Limestone Mines, Ampavalli, Pattangi, Koraput district, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M. on dtd.27.04.2026. For details, please visit the website of MSTC i.e. www.mstcecommerce.com.

OIPR-30001/30005/1/26-27/0008
Chief General Manager (S&M)

OHPC
**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022
Tel : 91-0674-2542983, 2542802, 2545526, 2542826, Fax : 2542102
E-Mail : ohpc.co@gmail.com / md@ohpcltd.com WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER NO. UIHEP-05/2026-27 DATED. 15.04.2026**

No.32001/81/2627 : Sealed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed firm / reputed service provider having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable in Rs.) | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Painting of metallic surface of Bus duct enclosure, NGT cubicle and LAVT panel of 4 x 150 MW Generator Sets of UIHEP, Mukhiguda | 4,720/- (inclusive of GST) | 5,920/- | From 22.04.2026 to 05.05.2026 up to 11:00 Hrs. | 05.05.2026 (up to 11:30 Hrs) | 05.05.2026 at 12:00 Hrs. |

For details of the tender documents, terms and conditions please visit our website www.ohpcltd.com
Sd./- C&P Head
UIHEP, Mukhiguda
OIPR-32001/32136/1/26-27/0004

**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ**

No.3001/9/2627:ଛଉନୃତ୍ୟ ଅନୁଷ୍ଠାନ, ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗମଞ୍ଚ ଓ ନାଟକର ଉନ୍ନତି ନିମନ୍ତେ ଅନୁଦାନ ପାଇବା ପାଇଁ ପୂର୍ବବର୍ଷମାନଙ୍କ ଭଳି ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମିଳିତ ଭାବେ ଆଗ୍ରହୀ ସାଂସ୍କୃତିକ ଅନୁଷ୍ଠାନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥିନିମନ୍ତେ ଦରଖାସ୍ତ କରୁଥିବା ଅନୁଷ୍ଠାନଗୁଡ଼ିକ ୧୮୬୦ ମସିହାର ସୋସାଇଟି ରେଜିଷ୍ଟ୍ରେସନ ନିୟମ ଅନୁଯାୟୀ ଅନ୍ତତଃ ତିନି ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । ଯେଉଁ ବିଭାଗରେ ଆର୍ଥିକ ସହାୟତା ଚାହୁଁଛନ୍ତି, ସେହି ବିଭାଗରେ ଅନୁଷ୍ଠାନ ଅନ୍ତତଃ ତିନି ବର୍ଷ (୨୦୨୪-୨୫, ୨୦୨୩-୨୪,୨୦୨୨-୨୩) କାର୍ଯ୍ୟ କରୁଥିବା ବିବରଣୀ ଦେବେ । ଏହି କାର୍ଯ୍ୟ କରିବା ନିମନ୍ତେ ସଂପୃକ୍ତ ଅନୁଷ୍ଠାନର ସମ୍ବିଧାନରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ଥିବା ଆବଶ୍ୟକ । ଯେଉଁ ଯୋଜନା ପାଇଁ ଅନୁଦାନ ମଗାଯିବ ଫର୍ମ ଉପରେ ବଡ଼ ଅକ୍ଷରରେ ତା'ର ନାମ ଲେଖାଯିବା ଆବଶ୍ୟକ ଯେପରିକି "୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ" ଦରଖାସ୍ତଗୁଡ଼ିକ ସଂପୃକ୍ତ ବିବରଣୀ ସହ ନିମ୍ନ ଠିକଣାରେ କେବଳ ଡାକ ଯୋଗେ ତା.୩୦.୦୫.୨୦୨୬ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ବିଭାଗୀୟ ନିଷ୍ପତ୍ତି ଅନୁଯାୟୀ ଅନୁଦାନ ପାଇବା ପାଇଁ ଇଚ୍ଛୁକ ରେଜେଷ୍ଟ୍ରିଭୁକ୍ତ ସାଂସ୍କୃତିକ ଅନୁଷ୍ଠାନମାନେ ଆବେଦନପତ୍ର ସହିତ ଟ.୧୦/-ଙ୍କାର ଅଣନ୍ୟାୟିକ କାଗଜରେ ଚୁକ୍ତିନାମା (Agreement in Non-Judicial Stamp Paper worth Rs.10/- only), ସାଦା କାଗଜରେ ଅଙ୍ଗୀକାର ପତ୍ର (Undertaking in plain paper) ନିର୍ଦ୍ଦିଷ୍ଟ ଫର୍ମରେ (OGFR-23 & 24) ପୂର୍ବବର୍ଷ (୨୦୨୩-୨୪ ଆର୍ଥିକ ବର୍ଷ) ଅନୁଦାନର ବିନିଯୋଗ ପ୍ରମାଣପତ୍ର (Utilization Certificate) ଦୁଇ କିତା ସହ ଅନୁଷ୍ଠାନର ବ୍ୟାଙ୍କ ଖାତା ନମ୍ବର, IFSC ଓ ବ୍ୟାଙ୍କର ନାମ ସହିତ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ଜରୁରୀ ଅଟେ । ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟ ପାଇଁ ଅନୁଦାନ ନିମନ୍ତେ ୨୦୨୫-୨୬ ଆର୍ଥିକ ବର୍ଷର ପରୀକ୍ଷା ଫଳାଫଳ ସୂଚୀ (Result Sheet) ଓ ଯେଉଁ ଏକାଡେମୀ ସହ ଅନୁବନ୍ଧିତ ତା'ର ସାର୍ଟିଫିକେଟ ଦେବେ । ଅସମ୍ପୂର୍ଣ୍ଣ ଫର୍ମ କିମ୍ବା ମଗାଯାଇଥିବା ଉପରୋକ୍ତ ଡକ୍ୟୁମେଣ୍ଟ ନ ଦେଇଥିଲେ ଆବେଦନ ବିଚାରକୁ ନିଆଯିବ ନାହିଁ ।

ରାଜ୍ୟ ସରକାର ପ୍ରଣୀତ ଆଇନ (Grant-in-Aid Rules, 1973 as amended in 1986) ଅନୁଯାୟୀ ଅନୁଦାନ ପରିମାଣ, ମଞ୍ଜୁରୀ ଦେବା ନ ଦେବା, ଦରଖାସ୍ତ ଖାରଜ କରିବା ଆଦିର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ କର୍ତ୍ତୃତ୍ୱାଧୀନ ଅଟେ । ଏ ସମ୍ପର୍କରେ କୌଣସି କୋର୍ଟ କଚେରିର ଆଶ୍ରୟ ନିଆଯାଇପାରିବ ନାହିଁ । ଅଧିକ ସୂଚନା ପାଇଁ ତଥା ଆବଶ୍ୟକୀୟ ଦସ୍ତାବିଜର ନକଲ ପାଇବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ www.odisha-culture.gov.in କୁ ବ୍ୟବହାର କରିପାରନ୍ତି ।

ସ୍ୱା./-ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪
OIPR-3001/3029/1/26-27/0008

## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

କୋକସରା,୨୧।୪ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ): କଳାହାଣ୍ଡି ଜିଲା କୋକସରା ଥାନା ଲଦୁଗାଁ ଗ୍ରାମର ଏକ ଭଡ଼ାଘରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ମହିଳାଙ୍କ ସ୍ୱାମୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ, ଲଦୁଗାଁ ଗ୍ରାମର ସୁରଞ୍ଜନ ଦାସଙ୍କ ଦ୍ୱିତୀୟ ଝିଅ ସୁପ୍ରିତି ଦାସ ୫ବର୍ଷ ତଳେ ନୂଆପଡା ଜିଲା ସିଙ୍ଘରର ଗ୍ରାମର ପ୍ରଭାସ ଦାସଙ୍କୁ ବିବାହ କରିଥିଲେ। ସେମାନେ ଲଦୁଗାଁସ୍ଥିତ ଏକ ଭଡାଘରେ ରହିଆସୁଥିଲେ। ତେବେ ମଙ୍ଗଳବାର ଘର ଭିତରେ ସୁପ୍ରିତିଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ୱାମୀ ପ୍ରଭାସ ଶ୍ୱଶୁର ଘର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ପରେ ସାଇଣ୍ଟିଫିକ ଟିମ ସାହାଯ୍ୟରେ ତଦନ୍ତ କରିବା ସହ ମୃତଦେହ ଜବତ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ମୃତା ମହିଳାଙ୍କ ବାପ ଘର ଲୋକେ ହତ୍ୟା କରାଯାଇଥିବା ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

### ପଞ୍ଚପାଣ୍ଡବଙ୍କ ଅଜ୍ଞାତବାସ ନାଟକ ମଞ୍ଚସ୍ଥ



ରିଷିଡ଼ା,୨୧।୪(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା କନ୍ଧପଡା ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ବିରାଟ ପର୍ବ ଅବସରରେ ସୋମବାର ପ୍ରଥମ ରଜନୀରେ ପଞ୍ଚପାଣ୍ଡବଙ୍କ ଅଜ୍ଞାତବାସ ନାଟକ ମଞ୍ଚସ୍ଥ ହୋଇଥିଲା। ଏଠାରେ ଅକ୍ଷୟ ତୃତୀୟାଠାରୁ ୭ଦିନ ବ୍ୟାପୀ ମହାଭାରତରୁ ସଂଗୃହୀତ ବିରାଟ ପର୍ବ ନାଟକ ୭ଦିନ ଧରି ମଞ୍ଚସ୍ଥ ହେବ। ଏଥିରେ ବିଭିନ୍ନ ଭୂମିକାରେ ମନୁ ରାଜା ଦେବଦତ୍ତ ଭୋଇ, ଯୁଧିଷ୍ଠିର ସଞ୍ଜୟ ଧରୁଆ, ଭୀମ ହେମାଦ୍ରି ଭୋଇ, ଅର୍ଜୁନ ହିମାଂଶୁ ଭୋଇ, ନକୁଳ ଜଗବନ୍ଧୁ ବରିହା, ସହଦେବ ସମୀର ଭୋଇ, ବିରାଟ ସୁରୋଜଦ ଦଣ୍ଡସେନା ପ୍ରମୁଖ ଅଭିନୟ କରୁଛନ୍ତି। ବୁଧବାର ବାଘ, ମଲ୍ଲବଧ ନାଟକ ମଞ୍ଚସ୍ଥ ହେବ ବୋଲି କମିଟି ସଭାପତି ନଗେଶ କୁମାର ସାହୁ, ସମ୍ପାଦକ ନିତ୍ୟାନନ୍ଦ ଦଣ୍ଡସନା ସୂଚନା ଦେଇଛନ୍ତି।

# ଉନ୍ନୟନମୂଳକ ଯୋଜନାର ସମୀକ୍ଷା

- କେନ୍ଦ୍ରୀୟ ପ୍ରଭାରୀଙ୍କ ଦୁଇଦିନିଆ କଳାହାଣ୍ଡି ଗସ୍ତ
- କାଣୀଗୁମା କଫି ଉଦ୍ୟାନ ବୁଲିଦେଖିଲେ




କାଣୀଗୁମା କଫି ଉଦ୍ୟାନ ପରିଦର୍ଶନ ସମୟରେ କେନ୍ଦ୍ରୀୟ ପ୍ରଭାରୀ।

ଭବାନୀପାଟଣା,୨୧।୪(ଉତ୍ତମ କୁମାର ଦାଶ)

କେନ୍ଦ୍ର ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ଅତିରିକ୍ତ ସଚିବ ତଥା କେନ୍ଦ୍ରୀୟ ପ୍ରଭାରୀ ଅନିତା କର୍ଣ୍ଣ ଦୁଇଦିନିଆ କଳାହାଣ୍ଡି ଜିଲା ଗସ୍ତ କରିଛନ୍ତି। ସୋମବାର ଗସ୍ତ ଆରମ୍ଭ ପୂର୍ବରୁ ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଶୀତଳ ଆଦି କର୍ମଯୋଗୀ ଜୀବିକା ପଦକ୍ଷେପ କାର୍ଯ୍ୟକ୍ରମରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହାପରେ ଜିଲାର ଥୁଆମୂଳ ରାମପୁର ବ୍ଲକର କାଣିଗୁମାର କଫି ଉଦ୍ୟାନ ପରିଦର୍ଶନ କରି ଏହାର ରକ୍ଷଣାବେକ୍ଷଣ, ସୁପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପରେ କେନ୍ଦ୍ରୀୟ ଭଣ୍ଡାର ନିଗମ ସିଏସ୍ଆର୍ ପାଣ୍ଠି ଅନୁଦାନରେ ଥୁଆମୂଳ ରାମପୁର ବ୍ଲକର ଅମିଠାଗୁଡାଠାରେ ଡିଜିଟାଲ ଶିକ୍ଷାର ପ୍ରୋତ୍ସାହନ ଓ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପରିଦର୍ଶନ ସମୟରେ ତାଙ୍କ ସହ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ମଙ୍ଗଳବାର ଅପରାହ୍ନରେ କେନ୍ଦ୍ରୀୟ ପ୍ରଭାରୀ କର୍ଣ୍ଣ ଭବାନୀପାଟଣାସ୍ଥିତ ସାର୍କିଟ ହାଉସରେ ଆୟୋଜିତ ଆକାଂକ୍ଷା ଜିଲା କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ସମାଜ କଲ୍ୟାଣ, ସମନ୍ୱିତ ଜନଜାତି ଉନ୍ନୟନ, ଶିଶୁ ସୁରକ୍ଷା, ଗମନାଗମନ, ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ଯୋଗାଣ, ଦକ୍ଷତା ବିକାଶ, ନିୟୋଜନ, ଗ୍ରାମ୍ୟ ଉନ୍ନୟନ ଇତ୍ୟାଦି ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ଓ ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରିଥିଲେ। ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ର କିପରି ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବେ ସେଥିପ୍ରତି ଜିଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନା (ଗ୍ରାମୀଣ )ରେ ଅସମ୍ପୂର୍ଣ ଗୃହଗୁଡ଼ିକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ କହିଥିଲେ। କୃଷି କ୍ଷେତ୍ରରେ ଜନ ସଚେତନତା ସୃଷ୍ଟି କରି ଚାଷୀମାନେ ଅଧିକରୁ ଅଧିକ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକରଣ କରି ଫସଲ କ୍ଷତିପୂରଣ ପାଇବା ପାଇଁ ଜିଲା କୃଷି ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧାନ ଚାଷ ସହ କିପରି ଅର୍ଥକରୀ ଫସଲ ପ୍ରତି ଅଧିକରୁ ଅଧିକ ଚାଷୀ ଗୁରୁତ୍ୱ ଦେବେ ସେଥିପ୍ରତି ଜିଲା କୃଷି ଅଧିକାରୀ ଓ ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକଙ୍କୁ ପଦକ୍ଷେପ ନେବାପାଇଁ କହିଥିଲେ। ଯୁବକମାନଙ୍କୁ ଇଚ୍ଛା ମୁତାବକ ଦକ୍ଷତା ଭିତ୍ତିକ ତାଲିମ ଯୋଗାଇ ସେମାନଙ୍କର କିପରି ଆୟବୃଦ୍ଧି ହୋଇପାରିବ ସେ ଉପରେ ଜିଲା ନିୟୋଜନ ଅଧକାରୀଙ୍କୁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ଗ୍ରାମସଭା ହେଉ

ଥୁଆମୂଳ ରାମପୁର,୨୧।୪ (ଦୁର୍ଗା କୀର୍ତ୍ତି)

**ଖଣି ଖନନ ନେଇ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ପ୍ରସ୍ତାବିତ ସିଜିମାଲି ଖଣି ଖନନକୁ ନେଇ ମଙ୍ଗଳବାର ଅଞ୍ଚଳର ଶତାଧିକ ସଚେତନ ନାଗରିକ କମ୍ପାନୀ ବିରୋଧରେ ଶୋଭାଯାତ୍ରା କରିଥିଲେ। ଏହି ରାଲି ସ୍ଥାନୀୟ ମା' ମାଣିକେଶ୍ୱରୀ ମନ୍ଦିର ପ୍ରାଙ୍ଗଣରୁ ବାହାରି ସହର ପରିକ୍ରମା କରିଥିଲା। ଆନ୍ଦୋଳନକାରୀ କମ୍ପାନୀ ବିରୋଧୀ ନାରା ଦେଇ ଥୁଆମୂଳ ରାମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀ ଓ ଅତିରିକ୍ତ ତହସିଲଦାର ତପନ କୁମାର ପତିଙ୍କ ଉପସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ଖଣି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଖଣି ଖନନ ପାଇଁ ନିୟୋଜିତ କମ୍ପାନୀ ପୋଲିସ ଓ ପ୍ରଶାସନର ଭୟ ଦେଖାଇ ସାଧାରଣ ଲୋକଙ୍କୁ ହଇରାଣ କରୁଥିବା, ଲୋକଙ୍କ ଜମିବାଡ଼ି ଓ ଗଛଲତା ନଷ୍ଟ କରୁଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରସ୍ତାବିତ ଖଣି ପାଇଁ ହେବାକୁ ଥିବା ଜନଶୁଣାଣି ଓ ଗ୍ରାମସଭାକୁ ତୁରନ୍ତ ବାତିଲ କରିବାକୁ ଦାବି କରାଯାଇଛି। ଯଦି ଭବିଷ୍ୟତରେ ଗ୍ରାମସଭା ହୁଏ ତେବେ କେବଳ ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ନିରପେକ୍ଷ ଭାବେ କରାଯାଉ ଏବଂ ବାହାର ଲୋକଙ୍କୁ ଏଥିରୁ ଦୂରେଇ ରଖାଯାଉ ବୋଲି ଲୋକେ ଜିଦ ଧରିଛନ୍ତି। ଏହି ସମାବେଶରେ ଡମ୍ବରୁଧର ମହାରଣା, ରାବେନା ନାଏକ, ବଳରାମ କବାଡି, ବିଜୟ ପ୍ରଧାନୀ, ସତ୍ୟନାରାୟଣ ସିଂ, କ୍ରିଷ୍ଣା ଚନ୍ଦ୍ର ନାଏକ, ବିଦ୍ୟାଧର ଗୌଡ଼, କବିଟ ଗୌଡ଼, ବିର୍ଶିଂ ମାଝୀ, ରାମେଶ୍ୱର ବାଗ ଓ ମାଗୁ ମାଝୀଙ୍କ ସମେତ ଅନେକ ସଚେତନ ନାଗରିକ ସାମିଲ ଥିଲେ। ଯଦି ପ୍ରଶାସନ ଓ ସରକାର ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ରକ୍ଷା ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।



ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି ଅଞ୍ଚଳବାସୀ।

# ମୋ ଜଙ୍ଗଲ ଜମି ଯୋଜନା ଉପରେ କର୍ମଶାଳା

ଭବାନୀପାଟଣା,୨୧।୪(ଉତ୍ତମ କୁମାର ଦାଶ)




କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

କଳାହାଣ୍ଡି ଜିଲା ଭବାନୀପାଟଣା ଡଙ୍ଗରଗଡ଼ ସୁରକ୍ଷା ପରିଷଦ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର କଲମଠାରେ 'ମୋ ଜଙ୍ଗଲ ଜମି ଯୋଜନା ' ଉପରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ଡ. ଭବାନୀ ଶଙ୍କର ନିଆଲଙ୍କ ସଭାପତିତ୍ୱରେ ଏସିଏଫ୍ ଲିଲି ଅମାତ୍ୟା ମୁଖ୍ୟ ଅତିଥି ଓ ବନପାଳ ସବେଶର ଗହୀର, କର୍ଲାପଡ଼ା ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ, ସଞ୍ଜୀବ ଶତପଥୀ, ଟି. ସୃଷ୍ଟି ରାଓ, ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୀର୍ତ୍ତନ ମାଝୀ, ଚନ୍ଦ୍ରସେନା ବାଗ, ମହେନ୍ଦ୍ର ବାଗ, ଭବାନୀ ବାଗ, କମଳ ମାଝୀ, 'ଜଳ ଜଙ୍ଗଲ ଜମି କମିଟି' କଲମର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମୋ ଜଙ୍ଗଲ ଜମି ହେଉଛି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ଯୋଜନା, ଯାହା ବନ ଅଧିକାର ଅଧିନିୟମ ୨୦୦୬ର ପ୍ରଭାବଶାଳୀ ରୂପାୟନ ପାଇଁ ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏହି ଯୋଜନା ଜରିଆରେ ଜନଜାତି ଓ ବନବାସୀମାନଙ୍କୁ ସେମାନଙ୍କର ଜମି ଅଧିକାର ପ୍ରଦାନ କରିବା ସହ ସେମାନଙ୍କର ଜୀବିକା ଏବଂ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଯୋଜନାର ମୁଖ୍ୟ ବିଶେଷତ୍ୱ ହେଉଛି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ବନ ଅଧିକାର: ଏହା ଅଧୀନରେ ଯୋଗ୍ୟ ବ୍ୟକ୍ତିବିଶେଷ (ବିଶେଷକରି ଏକକ ମହିଳା ଓ ପିଭିଟିଜି ଗୋଷ୍ଠୀ) ଏବଂ ଗ୍ରାମଗୁଡ଼ିକୁ ଗୋଷ୍ଠୀଗତ ବନ ସମ୍ପଦ ଉପରେ ଅଧିକାର ପ୍ରଦାନ କରାଯାଏ। ଜଙ୍ଗଲ ଅଧିକାର ସେଲ୍ ଯୋଜନାର ସଫଳ ରୂପାୟନ ଓ ତଦାରଖ ପାଇଁ ଜିଲା ଏବଂ ତହସିଲ ସ୍ତରରେ ସ୍ୱତନ୍ତ୍ର ସେଲ ଗଠନ କରାଯାଇଛି। ଏହି ଯୋଜନା ପ୍ରାୟ ୭.୪ ଲକ୍ଷ ଆଦିବାସୀ ପରିବାର ଏବଂ ଓଡ଼ିଶାର ୩୨,୦୦୦ରୁ ଅଧିକ ଗ୍ରାମକୁ ଲାଭାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖିଛି। କଳାହାଣ୍ଡି ଜିଲାର ଉତ୍ତର ଓ ଦକ୍ଷିଣ ବନଖଣ୍ଡ ଅଞ୍ଚଳରେ ଜଳ ଜଙ୍ଗଲ ଜମି ଅନ୍ତର୍ଗତ ପଟ୍ଟା ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ହିତାଧିକାରୀଙ୍କୁ ପ୍ରୋତ୍ସାହନ ଦିଆଯିବା ପାଇଁ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହାସହ ଗତ ୫ବର୍ଷ ହେବ ଦରଖାସ୍ତ କରିଥିବା ହିତାଧିକାରୀଙ୍କୁ ଅତିଶୀଘ୍ର ଜଙ୍ଗଲ ଜମି ପଟ୍ଟା ଦେବା ପାଇଁ ଦାବି ହୋଇଥିଲା।

### କବି ଜୟଦେବ ଜୟନ୍ତୀରେ କବିତା ପାଠୋତ୍ସବ

ନୂଆପଡ଼ା,୨୦।୪(ମକାରୁ ବେମାଲ)

ନୂଆପଡ଼ା ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ କବି ଜୟଦେବ ଜୟନ୍ତୀ ଉପଲକ୍ଷେ ସଦର ମହକୁମାସ୍ଥିତ ସଦ୍‌ଭାବନା ସଭାଗୃହରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କବି ବାସୁଦେବ ସୁନାନୀ ସମ୍ମାନିତ ଅତିଥି ଓ ଗୀତାଶ୍ରୀ ପ୍ରିୟମ୍ବଦା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜୟଦେବଙ୍କ ଜୀବନ ଉପରେ ଉଦ୍‌ବୋଧନ ଦେଇଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କବୟିତ୍ରୀ ଓ କବି ଜୟଦେବଙ୍କ ସ୍ମୃତିରେ କବିତା ପାଠ କରିଥିଲେ। ଶିକ୍ଷକ ଓ କବି ସୁଶାନ୍ତ କୁମାର ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ଧନ୍ୟବାଦ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଅଗ୍ନିଶମ ସୁରକ୍ଷା ସପ୍ତାହରେ ମକ୍‌ଡ୍ରିଲ

ଲାଞ୍ଜିଗଡ଼,୨୧।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ ତରଫରୁ ଏପ୍ରିଲ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଭାଗ ପକ୍ଷରୁ ଅଗ୍ନିକାଣ୍ଡ ପ୍ରତିରୋଧ, ସତର୍କତା ଓ ଜରୁରିକାଳୀନ ସୁରକ୍ଷା ସମ୍ପର୍କରେ ସାଧାରଣ ଲୋକଙ୍କ ସମେତ ବିଭିନ୍ନ ସ୍କୁଲ, କଲେଜ, ଡାକ୍ତରଖାନା ଓ ସଙ୍ଗଠନକୁ ସଚେତନ କରାଯାଇଥିଲା। ବିଶ୍ୱନାଥପୁର ଡାକ୍ତରଖାନା, ବେଦାନ୍ତ ଡାକ୍ତରଖାନା, ଯୋଡ଼ାବନ୍ଧ, ଛତ୍ରପୁର ସରକାରୀ ବିଦ୍ୟାଳୟ, ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଓ ଆର୍‌ବିକେ କଲୋନିରେ ଅଗ୍ନି ସୁରକ୍ଷା ସଚେତନତା ଓ ମକ୍‌ଡ୍ରିଲ କରାଯାଇଥିଲା। ଅଗ୍ନିଶମ କେନ୍ଦ୍ରର ଅଧିକାରୀ ସନତ ପ୍ରଧାନଙ୍କ ନେତୃତ୍ୱରେ ବେଦାନ୍ତ ଅଗ୍ନିଶମ ବିଭାଗର ସହାୟକ ଅଗ୍ନିଶମ ଅଧିକାରୀ ଭବାନୀ ଶଙ୍କର ନନ୍ଦଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏଥିରେ ମୁଖ୍ୟ ଆଗ୍ନିକ ଦେବରାଜ ସାରକା, ଆଗ୍ନିକ ସୁଧାଂଶୁ ଶେଖର ଦାସ, ଦୁଶବନ୍ତ ସାହୁ, ମହିନ୍ଦ୍ର ଭୋଇ, ମନୋଜ ଦଣ୍ଡିଆ, ହେମନ୍ତ ଭୋଇ, ବ୍ରଜ କିଶୋର ମହାରଣା ପ୍ରମୁଖ ସହଯୋଗ କରିଥିଲେ।



ମକ୍‌ଡ୍ରିଲ ମାଧ୍ୟମରେ ସଚେତନ କରାଯାଉଛି।

# ଯନ୍ତ୍ରୀଙ୍କ ମନମୁଖି କାର୍ଯ୍ୟ ବିରୋଧରେ ବିକ୍ଷୋଭ

ଥୁଆମୂଳ ରାମପୁର, ୨୧।୪ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ମଙ୍ଗଳବାର ଶତାଧିକ ଜନସାଧାରଣ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ବାବୁମାନେ ସରକାରୀ କାର୍ଯ୍ୟ କରିବା ପରିବର୍ତ୍ତେ ବ୍ୟବସାୟରେ ଲିପ୍ତ ରହି ଠିକା କାମ ପାଇଁ ଆବଶ୍ୟକ ହେଉଥିବା ବାଲି, ଚିପ୍ସ, ସିମେଣ୍ଟ ଓ ରଡ ଭଳି ସାମଗ୍ରୀ ନିଜେ ସପ୍ଲାଏ କରୁଛନ୍ତି। ସେହିପରି ଅନେକ ଯୋଜନାରେ କାମ ନ କରାଇ ଲକ୍ଷ ଲକ୍ଷ ଟଙ୍କାର ଫଲ୍ସ ବିଲ ଉଠାଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କୁ ତୁରନ୍ତ ବଦଳି କରିବା ସହ ସେମାନେ ଆତ୍ମସାତ୍ କରିଥିବା ଅର୍ଥ ଆଦାୟ ଦାବିରେ ଶତାଧିକ ଜନସାଧାରଣ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, କଳାହାଣ୍ଡି ଏମ୍‌ପିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣି ଭାସ୍କର ଶବର ଦାବିପତ୍ର ଗ୍ରହଣ କରିଥିଲେ। ଏହି ବିକ୍ଷୋଭରେ ଡମ୍ବରୁଧର ମହାରଣା, ରାବେନା ନାଏକ, ବଳରାମ କବାଡି, ବିଜୟ ପ୍ରଧାନୀ, ସତ୍ୟନାରାୟଣ ସିଂ, କ୍ରିଷ୍ଣା ଚନ୍ଦ୍ର ନାଏକ, ବିଦ୍ୟାଧର ଗୌଡ଼, କବିଟ ଗୌଡ଼, ବିର୍ଶିଂ ମାଝୀ, ରାମେଶ୍ୱର ବାଗ, ମାଗୁ ମାଝୀ, ସୁନା ମାଝୀଙ୍କ ସମେତ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ।



ବ୍ଲକ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କଳାହାଣ୍ଡିରେ ୩୪, ନୂଆପଡ଼ାରେ ୧୧ ଯୋଡ଼ିଙ୍କ ବିବାହ



ଭବାନୀପାଟଣାଠାରେ ସାମୂହିକ ବିବାହ ପରେ ଦମ୍ପତିଙ୍କ ସହ ଅତିଥିମାନେ।



ନୂଆପଡ଼ାଠାରେ ରୀତିନୀତିରେ ବିବାହ ସମ୍ପନ୍ନ କରାଯାଉଛି।

ଭବାନୀପାଟଣା,୨୧।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଏସ୍‌ଏନ୍ ମ୍ୟାରେଜ ପ୍ୟାଲେସଠାରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ତ୍ତବ୍ୟ ଅନୁଷ୍ଠାନ ସହଯୋଗ କରିଥିଲା। ଏହି ଅବସରରେ ଜିଲାର ୩୪ ଯୋଡିଙ୍କ ବିବାହ ସମ୍ପନ୍ନ କରାଯାଇଥିଲା। ଏହି ଯୋଜନାରେ ପ୍ରତ୍ୟେକ ବିବାହିତା ମହିଳାଙ୍କ ଏକାଉଣ୍ଟକୁ ୪୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଉପଜିଲାପାଳ ପ୍ରଭାତ କୁମାର ପରିଡା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସିଡିଏମ୍‌ଓ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଡ଼, ବିଡିଓ ଭବାନୀପାଟଣା ଚନ୍ଦନ କୁମାର ଭୋଇ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ର, କର୍ତ୍ତବ୍ୟ ଅନୁଷ୍ଠାନ ମୁଖ୍ୟ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା, ଲିଙ୍ଗ ସମତାକୁ ପ୍ରୋତ୍ସାହନ ଦେବା ଏବଂ ଆର୍ଥିକ ଭାବେ ଦୁର୍ବଳ ରହିଥିବା ପରିବାରକୁ ବିବାହ ସମୟରେ ସହାୟତା ପ୍ରଦାନ କରିବା। ଏହା ସହିତ ଶିଶୁ ବିବାହକୁ ରୋକିବା, ବିଧବା ପୁନର୍ବିବାହକୁ ଉତ୍ସାହିତ କରିବା ଓ ସମାଜରେ ସୁସ୍ଥ ପରିବେଶ ସୃଷ୍ଟି କରିବା ମଧ୍ୟ ଏହି ଯୋଜନାର ଲକ୍ଷ୍ୟ ରହିଛି।

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**

ଫୋଟୋ–ଜିଲାପାଳ ଏକ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ନୂଆପଡ଼ା (ମକାରୁ ବେମାଲ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ନୂଆପଡ଼ା ଜିଲାରେ ମଙ୍ଗଳବାର ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ସଦର ବ୍ଲକ ଆମସେନାସ୍ଥିତ ଗୁରୁକୁଳ ଆଶ୍ରମ ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ୧୧ ଯୋଡ଼ି ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଜିଲା ପ୍ରଶାସନ ଓ ଖଡ଼ିଆଳର ୟାର ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ମଧୁସୂଦନ ଦାଶ, ଡିଏଫ୍‌ଓ (ବନ୍ୟପ୍ରାଣୀ) ସମୀର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ଡ଼ା. ସୋନିଆ ଜୈନ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଗୁରୁକୁଳ ସଂସ୍ଥାପକ ଧର୍ମାନନ୍ଦ ସରସ୍ୱତୀ, ୟାର ସଂଗଠନ ମୁଖ୍ୟ ମହେନ୍ଦ୍ର ଜୋଶୀଙ୍କ ସହ ଦମ୍ପତିଙ୍କ ଆତ୍ମିୟସ୍ୱଜନ ଉପସ୍ଥିତ ଥିଲେ। ବିବାହ ସମ୍ପନ୍ନ ପରେ ଯୋଜନା ଅନୁଯାୟୀ ପ୍ରତ୍ୟେକ ଦମ୍ପତିଙ୍କୁ ୪୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହା ସହିତ ବିଧାୟକ ଢୋଲକିଆ ପ୍ରତ୍ୟେକ ଦମ୍ପତିଙ୍କୁ ଅତିରିକ୍ତ ୧୧ ଶହ ଟଙ୍କା ସହାୟତା ପ୍ରଦାନ କରିଥିଲେ। ଜିଲାପାଳ ଦାଶ ନିଜ ୨୫ତମ ବିବାହ ବାର୍ଷିକି ପାଳନ କରି ନବଦମ୍ପତିଙ୍କ ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ପଦ୍ମପୁରକୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବ୍ୟାହତ


ଦର୍ବେ କେଲାରେ ନବନିର୍ମିତ ବ୍ୟାରେଜ


ନାଗେନ ଦର୍ହାର ଅସ୍ଥାୟୀ ବନ୍ଧ ଶୁଖିଲା ପଡ଼ିଛି ।

**ପଦ୍ମପୁର,୨୧।୪(ପ୍ରଦୀପ୍ତ ଦାଶ)**

- ଲକ୍ଷାଧିକ ଟଙ୍କାର ପ୍ରକଳ୍ପ ବିଫଳ
- ଦର୍ବେ କେଲାଠାରେ ହୋଇଥିଲା ବ୍ୟାରେଜ ନିର୍ମାଣ

ବରଗଡ଼ ଜିଲା ପଦ୍ମପୁର ସହରବାସୀଙ୍କୁ ପାନୀୟ ଜଳ ଯୋଗାଣର ସୁଧାର ଆଣିବା ଲକ୍ଷ୍ୟରେ ଅଙ୍ଗନଦୀର ଦର୍ବେ କେଲାଠାରେ ନିର୍ମାଣ ହୋଇଥିବା ବ୍ୟାରେଜ ବିଫଳ ହୋଇଛି। ଏବେ ଏହି ପ୍ରକଳ୍ପ ଶୁଖିଲା ଅବସ୍ଥାରେ ପଡ଼ିଛି। ଅପରପକ୍ଷରେ ଅଙ୍ଗନଦୀରେ ଥିବା ନାଗେନ ଦର୍ହାର ଇନ୍ ଟେକ୍‌ୱେଲେ ଶୁଖିଲା ପଡ଼ିଛି। ସହରକୁ ନଦୀ ଜଳ ଯୋଗାଣ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ପଦ୍ମପୁର ସହରର ଜନସଂଖ୍ୟା ପ୍ରାୟ ୩୦ ହଜାରରେ ପହଞ୍ଚି ଥିବାବେଳେ ସେହି ଅନୁସାରେ ଅଙ୍ଗନଦୀର ନାଗେନ ଦର୍ହାରୁ ୨.୨ନିୟୁତ ଲିଟର, ସହରର ବିଭିନ୍ନ ସ୍ଥାନରେ ଥିବା ୨୨ଗୋଟି ଗଭୀର ନଳକୂପରୁ ୧.୬ନିୟୁତ ଲିଟର ସହରକୁ ଯୋଗାଇ ଦିଆଯାଇଥାଏ ବୋଲି ଜନସ୍ୱାସ୍ଥ ବିଭାଗର ସହକାରୀ ଯନ୍ତ୍ରୀ ବବିତା ବିଶ୍ୱାସ ରାୟ ସୂଚନା ଦେଇଛନ୍ତି। କିନ୍ତୁ ବର୍ତ୍ତମାନ ଅଙ୍ଗନଦୀର ଜଳଧାର ଶୁଖିଯାଇଛି। ସେହିପରି ନାଗେନ ଦର୍ହା ଇନ୍ ଟେକ୍ କୂଅରେ ମଧ୍ୟ ପାଣି ନ ଥିବାରୁ ପଦ୍ମପୁର ସହରର ଅଧିକାଂଶ ଅଞ୍ଚଳକୁ ଜଳ ଯୋଗାଣ ବ୍ୟାହତ ହୋଇଛି।

**ଏମାନେ ଯାହା କୁହନ୍ତି...**

**“ ସହରକୁ ଜଳ ଯୋଗାଣର ଆଶା ଦିଶୁନି**



ପଦ୍ମପୁର ସହରକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ୬୯କୋଟି ୮୫ଲକ୍ଷ ଟଙ୍କାରେ ଅଙ୍ଗନଦୀର ଦର୍ବେ କେଲାଠାରେ ବ୍ୟାରେଜ ନିର୍ମାଣ କଲେ, ମାତ୍ର ଏହି ବ୍ୟାରେଜ ବିଫଳ ହୋଇଛି। ଅଙ୍ଗନଦୀ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ମଗାଯାଇଥିବା ସୂଚନା ଅଧିକାର ନିୟମରେ ଯେଉଁ ସବୁ ତଥ୍ୟ ଦେଇଛନ୍ତି ତାହାଦ୍ୱାରା ପଦ୍ମପୁର ସହରକୁ ଜଳ ଯୋଗାଣର ଆଶା ଦିଶୁନାହିଁ।

**– ନିରୋଜ କୁମାର ଦୋରା, ସାମାଜିକ କର୍ମୀ, ପଦ୍ମପୁର**

**“ ବ୍ୟାରେଜ ଜଳ ଚାଷ, ପିଇବା ପାଇଁ ନୁହେଁ**

ଅଙ୍ଗନଦୀରେ ତିଆରି ହୋଇଥିବା ଦର୍ବେ କେଲା ବ୍ୟାରେଜ ଜଳକୁ ପୁନଃ ଭରଣ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜଳସ୍ତର ବୃଦ୍ଧି। ଏହା ପାନୀୟ ଜଳଯୋଗାଣ କିମ୍ବା ଚାଷ ପାଇଁ ବ୍ୟବହାର ନୁହେଁ।

**–ମନୋରଞ୍ଜନ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଅଙ୍ଗ ଡିଭିଜନ,ପଦ୍ମପୁର**

**“ ପ୍ରାୟ ୨୪ଘଣ୍ଟାରେ ସହରରେ ପାଣି ପହଞ୍ଚିବ**



ପଦ୍ମପୁର ସହରକୁ ନାଗେନ ଦର୍ହାରୁ ଜଳଯୋଗାଣ ପାଇଁ ଦ୍ରୁତ ପଦକ୍ଷେପ ଗ୍ରହଣ କରାଯାଇଛି। ସାଇପଲା ଡ୍ୟାମରୁ ପାଣି ଆଣିବା ପାଇଁ ବରଗଡ଼ ଓ ନୂଆପଡ଼ା ଜିଲା ପ୍ରଶାସନ ସହିତ ଆଲୋଚନା ହୋଇଛି। ପ୍ରାୟ ୨୪ଘଣ୍ଟାରେ ପାଣି ପହଞ୍ଚିବ। ଏବେ ସହରର ବିଭିନ୍ନ ୱାର୍ଡକୁ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

**– ହେମସାଗର ଭୋଇ, ଉପଜିଲାପାଳ, ପଦ୍ମପୁର**

## ଜଳଯୋଗାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର


ପିଇବା ପାଣି ଅପେକ୍ଷାରେ ମହିଳାମାନେ ହାଣ୍ଡି ମାଠିଆ ରଖିଛନ୍ତି।

**ପଦ୍ମପୁର, ୨୧।୪ (ପ୍ରଦୀପ୍ତ ଦାଶ)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବର୍ତ୍ତମାନ ପଦ୍ମପୁର ସହର ପାନୀୟ ଜଳଯୋଗାଣ ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଛି। ଫଳରେ ଅନେକ ଲୋକ ଗରା ବାଲ୍‌ଟି ଧରି ପାଣିକୁ ଅପେକ୍ଷା କରିଛନ୍ତି। ଅସହ୍ୟ ଗରମରେ ପାନୀୟ ଜଳଯୋଗାଣ ପାଇଁ ନାହିଁ ନ ଥିବା ସମସ୍ୟା ଦେଖାଦେଇଛି। ସେଥିପାଇଁ ମଙ୍ଗଳବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶା ଓ ସତ୍କାରର ସଭାପତି ନିରୋଜ ଦୋରାଙ୍କ ନେତୃତ୍ୱରେ ସଦସ୍ୟମାନେ ପଦ୍ମପୁର ଉପଜିଲାପାଳଙ୍କ ମାଧ୍ୟମରେ ସହକାରୀ ଜିଲାପାଳ ସନ୍ତୋଷ କୁମାର ପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସହରରେ ପାନୀୟ ଜଳର ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ କରିବା ଲାଗି ସେମାନେ ଅନୁରୋଧ କରିଛନ୍ତି।

**ଜଳ ଯାତନାରେ କଲବଲ ସହରବାସୀ**

ପଦ୍ମପୁର ୱାର୍ଡ ନମ୍ବର ୭ରେ ମହିଳାମାନେ ଗରାମାଠିଆ ଧରି ପାଣିକୁ ଅପେକ୍ଷା କରିଛନ୍ତି। କିନ୍ତୁ ଆସିବ ପାଣି ଟ୍ୟାଙ୍କର ? ସହରକୁ ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇଥିବାବେଳେ ସେମାନେ ଟ୍ୟାଙ୍କରକୁ ଅପେକ୍ଷା କରିଛନ୍ତି। ତେବେ ୨/୩ ଦିନରେ ଥରେ ଟ୍ୟାଙ୍କର ଯୋଗେ ପାଣି ଆସୁଛି, ଯାହା ପର୍ଯ୍ୟାପ୍ତ ନୁହେଁ ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ତେଣୁ ପ୍ରତିଦିନ ଟ୍ୟାଙ୍କରରେ ପାଣି ଯୋଗାଇଦେବାକୁ ମହିଳାମାନେ ଦାବି କରିଛନ୍ତି।

## ମାଝୀପାଲି-ଝେଙ୍ଗାନାଡିହି ଲକ୍ଷ୍ମୀ ବସ୍ ଚଳାଚଳ ଦାବି

**ପାଇକମାଲ,୨୧।୪(ବଡ଼ ଶତପଥୀ)**

ଗ୍ରାମ୍ୟ ଅଞ୍ଚଳର ଲୋକଙ୍କ ଯାତାୟାତ ସୁବିଧାକୁ ସହଜ କରିବା ଲକ୍ଷ୍ୟରେ ସରକାର ପକ୍ଷରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍ ସେବା ଅନେକ ଅଞ୍ଚଳରେ ଲୋକପ୍ରିୟ ହୋଇଛି। ବିଶେଷକରି ମହିଳା ଓ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନେ ଏହାରୁ ବହୁ ଲାଭାନ୍ୱିତ ହେଉଛନ୍ତି। କିନ୍ତୁ ପାଇକମାଲ ବ୍ଲକର ଭେଙ୍ଗରାଜପୁର ପଞ୍ଚାୟତ ଅଞ୍ଚଳବାସୀ ଏହି ସୁବିଧାରୁ ବଞ୍ଚିତ ରହିଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଞ୍ଚଳର ମାଝୀପାଲି, ଭେଙ୍ଗରାଜପୁର ଓ ଝେଙ୍ଗାନାଡିହି ଗ୍ରାମର ଲୋକମାନେ ଦୈନିକ ଜୀବନରେ ବିଭିନ୍ନ କାମ ପାଇଁ ପାଇକମାଲ, ପଦ୍ମପୁର ଓ ବରଗଡ଼ ଭଳି ସହରମାନଙ୍କୁ ଯିବାକୁ ପଡୁଛି। ତେବେ ସରକାରୀ ବସ୍ ସେବା ନ ଥିବାରୁ ଏହି ଯାତାୟାତ କଷ୍ଟସାଧ୍ୟ ହୋଇପଡ଼ିଛି। ବିଶେଷତଃ ମହିଳା ଓ ଛାତ୍ରୀଛାତ୍ରମାନେ ବେସରକାରୀ ଯାନରେ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେଉଥିବା ସହ ଅନେକ ସମୟରେ ଅସୁବିଧା ଭୋଗୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଯଦି ମାଝୀପାଲିରୁ ଝେଙ୍ଗାନାଡିହି ପର୍ଯ୍ୟନ୍ତ ପ୍ରତିଦିନ ଲକ୍ଷ୍ମୀ ବସ୍ ଚଳାଚଳ କରାଯାଏ, ତେବେ ଏହା ଅଞ୍ଚଳର ଲୋକଙ୍କ ପାଇଁ ବଡ଼ ସୁବିଧା ସୃଷ୍ଟି କରିବ। ଏହା ଦ୍ୱାରା ଛାତ୍ରୀଛାତ୍ରମାନେ ସମୟରେ ଶିକ୍ଷା ସଂସ୍ଥାନକୁ ପହଞ୍ଚିପାରିବେ ଓ ମହିଳାମାନେ ସୁବିଧାଜନକ ଭାବେ ସରକାରୀ କାର୍ଯ୍ୟାଳୟ ଓ ବଜାରକୁ ଯାଇପାରିବେ। ଆଗକୁ ବୈଶାଖ ମେଳା ଆସୁଛି ଯଦି ବସ୍ ଚଳେ ଅଞ୍ଚଳରୁ ବହୁ ଲୋକ ମେଳା ଦେଖିପାରିବେ। ଏହି ପରିପ୍ରେକ୍ଷୀରେ ଅଞ୍ଚଳବାସୀମାନେ ତତ୍କାଳ ଏହି ରୁଟ୍‌ରେ ଲକ୍ଷ୍ମୀ ବସ ସେବା ଆରମ୍ଭ କରିବା ପାଇଁ ବ୍ଲକ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ମହିଳା ବିଲ୍ ଆଳରେ ଭାଜପା ରଚିଥିଲା ଷଡ଼ଯନ୍ତ୍ର: କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

**ବରଗଡ,୨୧।୪(ପ୍ରେମାନନ୍ଦ ଖମାରୀ)**

ମହିଳା ଆରକ୍ଷଣ ବିଲ୍ ୨୦୨୩ରେ ପାର୍ଲାମେଣ୍ଟରେ ପାସ୍ ହେଲା ପରେ କେନ୍ଦ୍ରର ମୋଦି ସରକାରଙ୍କ କୌଣସି ଆନ୍ତରିକତା ନ ଥିଲା। ନଚେତ୍ ତାକୁ ଆଇନରେ ପରିଣତ କରାଯାଇ ପାରିଥାନ୍ତା। ବର୍ତ୍ତମାନ ମହିଳା ବିଲ୍‌କୁ ଆଳ କରି ଲୋକ ସଭା ଆସନ ସୀମା ନିର୍ଦ୍ଧାରଣ ବିଲ୍‌କୁ ପାସ୍ କରିବାର ଷଡ଼ଯନ୍ତ୍ର ରଚିଥିଲା ଭାଜପା। ଏହା ଧରାପଡ଼ିଯିବା ଓ ବିଲ୍‌ଟି ପାର୍ଲାମେଣ୍ଟରେ କାଟ୍ ଖାଇବା ଫଳରେ ଭାଜପା ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି ମଙ୍ଗଳବାର ବରଗଡ ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ବିଭାଗ ମୁଖ୍ୟ ଅରବିନ୍ଦ ଦାସ କହିଛନ୍ତି। ସେ ଆହୁରି କହିଥିଲେ, ବର୍ତ୍ତମାନ ଦେଶର ବିଭିନ୍ନ ରାଜ୍ୟରେ ନିର୍ବାଚନ ଚାଲିଥିବାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ସେହି ସମୟରେ ବିଲ୍ ନ ଆଣି ନିର୍ବାଚନ ପରେ ଆଣିଥିଲେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହୋଇ ନ ଥାନ୍ତା ଆଉ ବିଲ୍ ଉପରେ ଆଲୋଚନା ହୋଇପାରିଥାନ୍ତା। ଅନ୍ୟପକ୍ଷେ ଭାଜପା ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ପ୍ରୟାସ କରି କଂଗ୍ରେସକୁ ବଦନାମ୍ କରିବା ପାଇଁ ଅପଚେଷ୍ଟା କରୁଛି। କଂଗ୍ରେସ ଏଥିରେ ନୀରବ ରହିବ ନାହିଁ, ଏହାର ଦୃଢ଼ ପ୍ରତିବାଦ କରିବ ବୋଲି ଦାସ କହିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ସେଲ୍ ସାଧାରଣ ସମ୍ପାଦକ ମୁସ୍ତାକ ମହମ୍ମଦ, ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ, ପୂର୍ବତନ ଜିଲା କଂଗ୍ରେସ ସଭାପତି ଅନନ୍ତ ଶୟନ ପାଢ଼ୀ, ବ୍ରହ୍ମା ମହାକୁଡ, କିଶୋର ଦଫାଦାର, ଯୁଗଳ ପ୍ରସାଦ ସିଂ, ସରୋଜ ଷଡ଼ଙ୍ଗୀ, ମହିଳା ନେତ୍ରୀ ସୀମା କୁମ୍ଭାର ପ୍ରମୁଖ ମଞ୍ଚାସୀନ ଥିଲେ।

## ବିଭୀଷଣ ହତ୍ୟା ମାମଲାରେ ୨ ଅଭିଯୁକ୍ତ ନିର୍ଦ୍ଦୋଷ

**ବୌଦ୍ଧ,୨୧।୪(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ମଙ୍ଗଳବାର ଏକ ହତ୍ୟା ମାମଲାର ବିଚାର କରି ୨ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ବୌଦ୍ଧ ଥାନା ଅନ୍ତର୍ଗତ ଜାମୁପାଲି ଗ୍ରାମର ନରେଶନ ମହାରଥୀଙ୍କ ଭାଇ ବିଭୀଷଣ ମହାରଥୀ ୧୯.୪.୨୦୨୪ ରାତିରେ ଖାଇବା ପାଇଁ ବାହାରକୁ ଯାଇଥିଲେ। କିନ୍ତୁ ରାତିରେ ସେ ଘରକୁ ଫେରିନଥିଲେ। ୨୦.୪.୨୪ରେ ପରିବାର ଲୋକ ଚାରିଆଡ଼େ ଖୋଜାଖୋଜି କରିଥିଲେ। ପରେ ବିଭୀଷଣଙ୍କ ମୃତଦେହ ନୂଆପାଲି ଗ୍ରାମର ଚେର ବେହେରାଙ୍କ ବାରିପଟେ ପଡ଼ିଥିଲା ଓ ଦେହରେ ଆଘାତ ଲାଗିଥିବା ଦେଖିବାକୁ ପାଇଥିଲେ। ଏ ନେଇ ମୃତ ବିଭୀଷଣଙ୍କ ଭାଇ ନରେଶନ ୨୦.୪.୨୪ରେ ବୌଦ୍ଧ ଥାନାରେ ଚେର ବେହେରା ମାରିଥିବା ସନ୍ଦେହ ହେଉଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଏକ (ନଂ. ୧୭୫/୨୪) ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ନୂଆପାଲି (ସାରୁପଡ଼ା) ଗ୍ରାମର କାହ୍ନୁ ପ୍ରଧାନ ଓ ଶକୁନ୍ତଳା ଚେର ବେହେରାଙ୍କୁ ଗିରଫ କରି ୨୨.୪.୨୪ରେ କୋର୍ଟକୁ ପଠାଇଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତରେ (ଏସଟି କେସ ନଂ. ୩୨/୨୦୨୪) ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୨୩ ଜଣ ସାକ୍ଷୀଙ୍କ ବୟାନଙ୍କୁ ଭିତ୍ତିକରି ଅଦାଲତ ପ୍ରମାଣ ଅଭାବରୁ ଅଭିଯୁକ୍ତ କାହ୍ନୁ ପ୍ରଧାନ ଓ ଶକୁନ୍ତଳା ଚେର ବେହେରାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ବରିଷ୍ଠ ଆଇନଜୀବୀ ତାରେଣୀ କୁମାର ମହାପାତ୍ର ପରିଚାଳନା କରୁଥିଲେ।

## ଜାତିଆଣ, ମାନସିକ ନିର୍ଯାତନା ଘଟଣାର ତଦନ୍ତ ଜାରି

**ଝାରବନ୍ଧ:୨୧।୪(ଦେବେନ୍ଦ୍ର ସାହୁ):** କିଛି ଦିନ ହେବ ଚର୍ଚ୍ଚାରେ ଥିବା ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତଦନ୍ତ ଜାରି ରହିଛି । ମଙ୍ଗଳବାର ପଦ୍ମପୁର ଉପ ଜିଲାପାଳଙ୍କ ନିର୍ଦ୍ଦେଶରେ ଡେପୁଟି କଲେକ୍ଟର ନେପାଳ ମୁଣ୍ଡା, ଝାରବନ୍ଧ ତହସିଲଦାର ଅଲେଖ ଘୁଟାଙ୍କ ସହିତ ଉପ ଜିଲାପାଳ କାର୍ଯ୍ୟାଳୟରୁ ଚାରିଜଣ ଅଧିକାରୀ କଲେଜକୁ ପହଞ୍ଚି ଅଭିଯୋଗକାରୀ ଅଧ୍ୟାପିକା ସଙ୍ଗୀତା ବରିହାଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ପୃଥକ ଭାବରେ ପଚାରିଥିଲେ। କଲେଜ ଅଧ୍ୟକ୍ଷ ପ୍ରମୋଦ ସାହୁ ଓ ଲାଇବ୍ରେରିଆନ ଚିନ୍ତାମଣି ମିଶ୍ରଙ୍କ ନାମରେ ଜାତିଆଣ ଆକ୍ଷେପ ଓ ମାନସିକ ନିର୍ଯାତନା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଅଧ୍ୟକ୍ଷ ସାହୁ ଜେଲ ଯାଇଥିବା ବେଳେ ଲାଇବ୍ରେରିଆନ ବର୍ତ୍ତମାନ ସୁଦ୍ଧା ଫେରାର ଅଛନ୍ତି । ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର କେରକେଟା ଝାରବନ୍ଧ ଥାନା ପହଞ୍ଚି ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଥିବା ଗାଁ କମିଟିର ସଭାପତି ମୋହନ ପ୍ରଧାନଙ୍କ ସମେତ ଚାରିଜଣଙ୍କୁ ପଚାରାଉଚରା କରିଛନ୍ତି।

## ଛଟେଇ ପ୍ରତିବାଦରେ ଜିଲାପାଳଙ୍କୁ ଫେରାଦ

**ବରଗଡ଼,୨୧।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡମାନଙ୍କୁ ଛଟେଇ କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡମାନେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନେ ଏକ ଦାବିପତ୍ର ପ୍ରଦାନ କରି ବିହିତ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି।


ଛଟେଇ ପ୍ରତିବାଦରେ ଜିଲାପାଳଙ୍କୁ ଫେରାଦ ହୋଇଥିବା କର୍ମଚାରୀବୃନ୍ଦ।

ସୂଚନା ଅନୁଯାୟୀ, ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୭ବର୍ଷ ହେଲା, ୧୭ଜଣ ସିକ୍ୟୁରିଟି ଗାର୍ଡ଼ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୨ଜଣଙ୍କୁ ଛଟେଇ ନୋଟିସ ଦିଆଯାଇଛି। ବିନା କାରଣରେ ଛଟେଇକୁ ନେଇ ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡମାନଙ୍କ ମଧ୍ୟରେ ଅସନ୍ତୋଷ ତେଜି ଉଠିଛି। ପୁନଃ ନିଯୁକ୍ତି ଦେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏହି ସମସ୍ୟା ନେଇ ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମଧ୍ୟ ଫେରାଦ ହୋଇଥିବା ସୂଚନା ମିଳିଛି।

## ବିଜିଲି ବଗର୍ତ୍ତିଙ୍କ ଘରକୁ ବିଜୁଳି ନାହିଁ

**ବରଗଡ଼,୨୧।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ଜମୁର୍ଡା ଟାଙ୍ଗରପଡ଼ା ନିବାସୀ ବିଜିଲି ବଗର୍ତ୍ତିଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ନାହିଁ। ଘର ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବରଗଡ଼ ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ ମଙ୍ଗଳବାର ଉକ୍ତ ଗ୍ରାମକୁ ପରିଦର୍ଶନରେ ଯାଇ ତାହା ଦେଖିବା ପରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନେପାକ କହିଛନ୍ତି, ବରଗଡ଼ ବିକଶିତ ହେଉଛି ବୋଲି ଡିଣ୍ଡିମ ପିଟାଯାଉଛି। ତେବେ ବରଗଡ଼ ବିକାଶ କେଉଁ ପଟକୁ ମୁହାଁଇଛି, ତାହା ବିଜିଲି ବଗର୍ତ୍ତିଙ୍କ ଘରକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି। ଡବଲ ଇଞ୍ଜିନ ସରକାର ବିଦ୍ୟୁତ୍‌କରଣ, ଆବାସ, ପାନୀୟ ଜଳ ଯୋଗାଣ ସହ ଅନେକ ଯୋଜନାରେ ହଜାର ହଜାର କୋଟି ଟଙ୍କା କେବଳ ପ୍ରଚାର ପ୍ରସାରରେ ଖର୍ଚ୍ଚ କରିଛନ୍ତି। କିନ୍ତୁ ବିଜିଲିଙ୍କ ଭଳି ଅନେକ ଲୋକ ସେହି ଯୋଜନା ଗୁଡ଼ିକରୁ ବଞ୍ଚିତ ରହୁଛନ୍ତି। ତେବେ ବିଜିଲିଙ୍କ ସମସ୍ୟାକୁ ନେଇ ସେ ବରଗଡ଼ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ସହିତ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି ବୋଲି ନେପାକ ସୂଚନା ଦେଇଛନ୍ତି।

## ଶୀତଳ ଷଷ୍ଠୀ ପାଇଁ ଥାଳଉଠା ସମ୍ପନ୍ନ

**ସୋହେଲା,୨୧।୪(ଅଶ୍ୱୀନି ପାତ୍ର):** ସ୍ଥାନୀୟ ବାଞ୍ଜିପଡ଼ାଠାରେ ଥିବା ମହାକାଳେଶ୍ୱରଙ୍କ ମନ୍ଦିରରେ ବାବା ମହାକାଳେଶ୍ୱର ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ( ଶୀତଳ ଷଷ୍ଠୀ ଯାତ୍ରା ) ପାଇଁ ଥାଳ ଉଠିଯାଇଛି । ଗତ ରବିବାର ସନ୍ଧ୍ୟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଶୀତଳ ଷଷ୍ଠୀ ଆୟୋଜକ କମିଟିର ସଭାପତି ରଘୁନାଥ ସେଠ, ସମ୍ପାଦକ ଗଜାନନ ପଟୁଆ, ସାଧାରଣ ସମ୍ପାଦକ ମୋହନ ଗୁପ୍ତା, ସହ ସମ୍ପାଦକ ରାଜେନ୍ଦ୍ର ଗିରି ଗୋସ୍ୱାମୀ ଉପସ୍ଥିତ ଥିଲେ। ଜିତୁ ସାହୁ ଓ ତାଙ୍କ ସ୍ତ୍ରୀ ସଙ୍ଗୀତା ବାବା ମହାକାଳେଶ୍ୱରଙ୍କ ପିତା ମାତା ଭାବେ ଦାୟିତ୍ୱ ନେଇଛନ୍ତି। ଓ ମାତା ପାର୍ବତୀଙ୍କ ପିତା ମାତା ଭାବେ ଉତ୍ସବ ଦାସ ଓ ତାଙ୍କ ସ୍ତ୍ରୀ ମୟନ୍ତୀ ଦାସଙ୍କୁ ଚୟନ କରାଯାଇଛି। ସୋମବାର ଅକ୍ଷୟତୃତୀୟା ଅବସରରେ ପଣ୍ଡିତ ହିମାଂଶୁ ଦାସଙ୍କ ପୌରୋହିତ୍ୟରେ ଥାଳଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଚାଷୀଙ୍କ ଧାରଣାରେ ବିଜେଡି

**ବରଗଡ଼,୨୧।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଆଉ ପ୍ରାୟ ୨ ସପ୍ତାହ ପରେ ରବିଧାନ ଅମଳ କାର୍ଯ୍ୟ ଜୋର୍ ଧରିବ। ହେଲେ ବିଭାଗୀୟ ଅବହେଳା ଯୋଗୁ ପଞ୍ଜୀକରଣରୁ ବାଦ୍ ପଡ଼ି ଏପର୍ଯ୍ୟନ୍ତ ଜିଲାର ଅନେକ ଚାଷୀ ଗତବର୍ଷ ଖରିଫ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। ଫଳରେ ଚାଷୀମାନେ ଗତମାସ ୮ତାରିଖରୁ ଖରାତାତି, ଝଡ଼ବର୍ଷା ସତ୍ତ୍ୱେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନଗଦା କରି ଧାରଣାରେ ବସିଛନ୍ତି। ତଥାପି ଚାଷୀଙ୍କୁ କିଛି ସୁଫଳ ମିଳିପାରି ନାହିଁ। ଚାଷୀଙ୍କ ପ୍ରତି ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଏଭଳି ଅଣଦେଖା ମନୋଭାବକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଉଛି। ଅନ୍ୟପଟେ ଏହି ଧାରଣାକୁ ବିରୋଧୀ ବିଜେଡି, କଂଗ୍ରେସ ସମେତ ବିଭିନ୍ନ ଅନୁଷ୍ଠାନର ସମର୍ଥନ ବଢ଼ିବାରେ ଲାଗିଛି।

ସୋମବାର ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ତଥା ପୂର୍ବତନ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧାରଣାସ୍ଥଳକୁ ପହଞ୍ଚିଥିଲେ। ଧାରଣାରତ ଚାଷୀଙ୍କ ସମସ୍ୟା ନେଇ ସେମାନେ ଆଲୋଚନା କରିଥିଲେ। ଜିଲା ପ୍ରଶାସନ, ରାଜ୍ୟ ସରକାର ଏବଂ ସ୍ଥାନୀୟ ବିଧାୟକ ଚାଷୀଙ୍କ ଏହି ଧାରଣା ପ୍ରତି ସମ୍ପୂର୍ଣ୍ଣ ଆଖିବୁଜି ଦେଇଥିବାରୁ ବିଜେଡିର ଏହି ପ୍ରତିନିଧି ଦଳ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ରାଜ୍ୟ ସଭା ସଦସ୍ୟ ତଥା ଭାଜପା ରାଜ୍ୟ ସଭାପତି ସୋମବାର ଅଖିମୁଠି ଅନୁକୂଳ ପାଇଁ ଅତାବିରା ଆସିଥିବା ବେଳେ ଚାଷୀଙ୍କ ଧାରଣାକୁ ନ ଆସିବା ଘଟଣାକୁ ସମାଲୋଚନା କରିଥିଲେ ଏବଂ ଏଥିରୁ ଚାଷୀଙ୍କ ସମସ୍ୟାର ସମାଧାନ ପ୍ରତି ଭାଜପାର କିଭଳି ଆନ୍ତରିକତା ରହିଛି, ତାହା ପଦାରେ ପଡ଼ିଛି ବୋଲି ଛୁରିଆ କହିଥିଲେ। ଏହି ପ୍ରତିନିଧି ଦଳରେ ବିଜେଡି ନେତା ହରିଶଙ୍କର ବେହେରା, ସୁବାସ ହୋତା ପ୍ରମୁଖ ସାମିଲ ଥିଲେ।



ଚାଷୀଙ୍କ ଧାରଣାରେ ବିଜେଡ଼ି ପ୍ରତିନିଧି ଦଳ ସାମିଲ ହୋଇଛନ୍ତି।

# ୩୩ ଯୋଡ଼ିଙ୍କ ବିବାହ ସମ୍ପନ୍ନ


ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବରକନ୍ୟାଙ୍କ ବିବାହ ଚାଲିଛି।


ନବବିବାହିତାଙ୍କୁ ସହାୟତା ରାଶି ପ୍ରଦାନ କରିଯାଉଛି।

**ବରଗଡ଼,୨୧।୪(ପ୍ରେମାନନ୍ଦ ଖମାରୀ)**

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**

- ନବବିବାହିତାଙ୍କୁ ସହାୟତା ରାଶି ପ୍ରଦାନ

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବରଗଡ଼ ଜିଲା ମୁଖ୍ୟାଳୟସ୍ଥିତ ବେହେରା ବଜାର ପ୍ରାଙ୍ଗଣରେ ମଙ୍ଗଳବାର ଜିଲାସ୍ତରୀୟ ସମୂହ ବିବାହ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସେ କହିଥିଲେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସରକାରୀ ସହାୟତା ନୁହେଁ, ଏହା ବାଲ୍ୟ ବିବାହ ବିରୋଧରେ ଏକ ସଂକଳ୍ପ। ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ଓ କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ଼ ପଦକ୍ଷେପ। ଏହି ଯୋଜନା କେବଳ ବିବାହ ଉତ୍ସବ ନୁହେଁ ବରଂ ସାମାଜିକ ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ଦିଗରେ ଓଡ଼ିଶା ସରକାରଙ୍କ ଏକ ଦୃଢ଼ ସଂକଳ୍ପ। ବିଧବା ବିବାହକୁ ପ୍ରୋତ୍ସାହନ ଦେବା ହେଉଛି ଏହି ଯୋଜନାର ସ୍ୱତନ୍ତ୍ର ବିଶେଷତ୍ୱ। ସେହିପରି ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ଜିଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ପୂର୍ବତନ ଏମ୍‌ପି ପ୍ରଭାସ ସିଂ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଭାଜପା ଜିଲା ସଭାପତି ଡା. ଅରୁପାନନ୍ଦ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସନ୍ଧ୍ୟାରାଣୀ ନେପାକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା, ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବରବଧୂଙ୍କୁ ଆଶୀର୍ବାଦ ଦେବା ସହ ଏହି ଯୋଜନାର ସମସ୍ତ ସୁବିଧା ବିଷୟରେ କହିଥିଲେ। ବରଗଡ଼ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୩୩ ଯୋଡ଼ା ଯୁବତୀ ଯୁବକ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ସାଧାରଣ ବର୍ଗର ବରକନ୍ୟା ରହିଥିଲେ। ବିବାହ କରିଥିବା ସମସ୍ତ ୩୩ କନ୍ୟାଙ୍କୁ ୬୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ୪୫ ହଜାର ଟଙ୍କା ସିଧାସଳଖ କନ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଉଥିବା ବେଳେ ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ମହାଶକ୍ତି ଫାଉଣ୍ଡେଶନ ଏବଂ ଜିଲା ପ୍ରଶାସନ ତଥା ମହିଳା ଓ ଶିଶୁ ବିକାଶ ବିଭାଗର ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଛି। ବିବାହ ସମ୍ପନ୍ନ ପରେ ସମସ୍ତ ନବ ବିବାହିତ ଦମ୍ପତି ଯୌତୁକ ପ୍ରଥା ବିରୋଧରେ ପ୍ରତିଜ୍ଞା ନେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ରାୟଗଡା ବିଶ୍ୱ ବୈଦିକ ପରିବାର ବିବାହ ସଂସ୍କାର ପରିଚାଳନା କରିଥିବାବେଳେ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଏବଂ ମହାଶକ୍ତି ଫାଉଣ୍ଡେଶନର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ରାଉରକେଲା ଗସ୍ତ ସାରି ଫେରିଗଲେ ରାଷ୍ଟ୍ରପତି



ରାଉରକେଲା ବିମାନ ବନ୍ଦର ନିକଟ ପଡିଆରେ ଆୟୋଜିତ ଆଦି ପରବ ଉଦ୍‌ଘାଟନ ସମାବେଶରେ ଉପସ୍ଥିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଅନ୍ୟ ଅତିଥିମାନେ।


ଜନଜାତି ସଂଗ୍ରହାଳୟରେ ରାଷ୍ଟ୍ରପତି ଢିଙ୍କି ଚାଳନା କରୁଛନ୍ତି।


ରାଉରକେଲା ବିମାନ ବନ୍ଦରରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରାଯାଉଛି।


ରାଷ୍ଟ୍ରପତିଙ୍କ ସମେତ ଅନ୍ୟ ଅତିଥିମାନେ ଜନଜାତି ସଂଗ୍ରହାଳୟ ବୁଲି ଦେଖୁଛନ୍ତି।


ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ରାଉରକେଲା, ୨୧।୪(ଦିନେଶ ମିଶ୍ର/ସଙ୍ଗୀତା ଜେନା)**

ଆଦି ପରବ ୨୦୨୬ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦିନିକିଆ ରାଉରକେଲା ଗସ୍ତରେ ଆସିଥିଲେ। ସେ ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନରେ ଆସି ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ସେ ହେଲିକପ୍ଟର ଯୋଗେ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ବିମାନବନ୍ଦର ନିକଟରେ ଆୟୋଜିତ ଜନସଭାକୁ ଉଦ୍‌ବୋଧନ ଦେବା ସହ ୪ଟି ପ୍ରମୁଖ ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ। ଏଥିସହ ସୁନ୍ଦରଗଡ଼ର ଐତିହ୍ୟ, କଳା, ସଂସ୍କୃତିକୁ ସେ ପ୍ରଶଂସା କରିଥିଲେ। ତାଙ୍କ ଗସ୍ତକୁ ନେଇ ଏକ ଉପସ୍ଥାପନା।

**ଜୁହାର, ଜୟ ଜଗନ୍ନାଥରୁ ଉଦ୍‌ବୋଧନ ଆରମ୍ଭ**

ରାଉରକେଲା ଦିନିକିଆ ଗସ୍ତରେ ଆସି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁହାର ଓ ଜୟ ଜଗନ୍ନାଥ କହି ଉଦ୍‌ବୋଧନ ଆରମ୍ଭ କରିଥିଲେ। ରାଷ୍ଟ୍ରପତି ଷ୍ଟିଲସିଟି ରାଉରକେଲା ସହରର ଶିଳ୍ପ, ହକି କ୍ରୀଡା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସୁନ୍ଦରଗଡ ଜିଲାର ଖେଳାଳିମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିସହ ଆଦିବାସୀ ପରମ୍ପରା ବାଦ୍ୟଯନ୍ତ୍ର ଓ ଲୋକନୃତ୍ୟକୁ ବଞ୍ଚାଇ ରଖିବା ପାଇଁ ଯେଉଁ କଳାକାରମାନେ ଅହରହ ପ୍ରୟାସ ଜାରି ରଖିଛନ୍ତି ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଢିଙ୍କି କୁଟିଲେ ରାଷ୍ଟ୍ରପତି**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାନପୋଷ ସ୍ଥିତ ଆଦିବାସୀ ଜନଜାତି ସଂଗ୍ରହାଳୟକୁ ଦିନ ୧ଟା ୧୦ମିନିଟ୍‌ରେ ଉଦ୍‌ଘାଟନ କରିଥିଲେ। ଏହି ସଂଗ୍ରହାଳୟରେ ଥିବା କାଠ ନିର୍ମିତ ଢ଼ିଙ୍କିକୁ ଦେଖି ରାଷ୍ଟ୍ରପତି ବେଶ୍ ପ୍ରଭାବିତ ହୋଇଥିଲେ। ସେଠାରେ ସେ ତାଙ୍କ ପୁରୁଣା ସ୍ମୃତିକୁ ମନେପକାଇ ନିଜେ ଢିଙ୍କି ଉପରେ ଚଢ଼ି ଏହାକୁ ଚାଳନା କରିଥିଲେ। ଏହା ଦର୍ଶକ ଓ ନେତାମାନଙ୍କୁ ପ୍ରଭାବିତ କରିଥିଲା।

**ହେଲିକପ୍ଟର ଦେଖି ଛାତ୍ରୀଛାତ୍ର ଉତ୍ସାହିତ**

ବାୟୁ ସେନାର ହେଲିକପ୍ଟରକୁ ଦେଖି ସଭାସ୍ଥଳରେ ଥିବା ଛାତ୍ରୀଛାତ୍ରମାନେ ଉତ୍ସାହିତ ହୋଇଥିଲେ। ଏହି ହେଲିକପ୍ଟରଟି ବିମାନବନ୍ଦର ନିକଟରେ ଆୟୋଜିତ ସଭାସ୍ଥଳର କମ୍ ଉଚ୍ଚରେ ଉଡୁଥିବା ଦେଖି ଛାତ୍ରୀଛାତ୍ର ହାତ ହଲାଇ ସ୍ୱାଗତ ଜଣାଇଥିଲେ।

**ଡାଲଖାଇ, ଝୁମୁରା ନୃତ୍ୟରେ ବିଭୋର**

ରାଷ୍ଟ୍ରପତିଙ୍କ ସଭାସ୍ଥଳରେ ପ୍ରାୟ ଅଢ଼େଇ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ରହି ଓଡିଶୀ, ଝୁମୁରା, ସମ୍ବଲପୁରୀ ନୃତ୍ୟ, ଫୁଗୁଆ ନୃତ୍ୟ, ମୁଣ୍ଡାରୀ ନୃତ୍ୟ, ସରହୁଲ ନୃତ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାଷ୍ଟ୍ରପତି ମୁର୍ମୁଙ୍କୁ ସମ୍ବଲପୁରୀ ଲୋକନୃତ୍ୟ ଡାଲଖାଇ ଓ ଝୁମୁରା ନୃତ୍ୟ ପ୍ରଭାବିତ କରିଥିବା ଚର୍ଚ୍ଚା ହେଉଛି।

**ସଭାସ୍ଥଳରେ ଓଆରଏସ୍ ବିତରଣ**

ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ରାଉରକେଲା ବିମାନ ବନ୍ଦର ନିକଟରେ ଆୟୋଜିତ ସଭାସ୍ଥଳରେ ପ୍ରବଳ ଖରାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟାରିକେଟ୍ ବ୍ୟବସ୍ଥା ସାଙ୍ଗକୁ କୁଲର ଓ ପଙ୍ଖା ବ୍ୟବସ୍ଥା ହୋଇଥିଲା। ସଭାସ୍ଥଳରେ ନିର୍ମାଣ ହୋଇଥିବା ପ୍ରତ୍ୟେକ ଜୋନ୍‌ରେ ଥଣ୍ଡା ପାନୀୟ ବ୍ୟବସ୍ଥା ସାଙ୍ଗକୁ ଓଆରଏସ୍ ବିତରଣକ ରାଯାଉଥିଲା।

**ସ୍ୱଚ୍ଛତାକୁ ପ୍ରାଧାନ୍ୟ**

ରାଷ୍ଟ୍ରପତିଙ୍କ ସଭା ସ୍ଥଳରେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯାଇଥିଲା। ସଫେଇ କର୍ମଚାରୀମାନେ ହାତରେ ଡଷ୍ଟବିନ ଧରି ସଫେଇକୁ ଧ୍ୟାନ ଦେଇଥିଲେ। ଯେଉଁଠାରେ ପ୍ଲାଷ୍ଟିକ ଗ୍ଲାସ କି ଅନ୍ୟ ସାମଗ୍ରୀ ପଡିଥିଲା ତାକୁ ସେମାନେ ସଫା କରୁଥିବା ପରିଲକ୍ଷିତ ହୋଇଥିଲା।

**ସ୍ୱତନ୍ତ୍ର ଶେଡ୍ ବ୍ୟବସ୍ଥା**

ସୁନ୍ଦରଗଡ ଜିଲା ତଥା ଦୂରଦୂରାନ୍ତରୁ ବରିଷ୍ଠ ନାଗରିକ ଓ ଜନସାଧାରଣ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମକୁ ଆସିଥିଲେ। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେକ୍ଟର-୧୩ ମେଳଣ ପଡିଆରେ ସ୍ୱତନ୍ତ୍ର ଶେଡ୍ ହାଉସ୍ ବ୍ୟବସ୍ଥା କରାଯାଇଥିଲା। ଫଳରେ ସେଠାରେ ବହୁ ବରିଷ୍ଠ ନାଗରିକ ଓ ଜନସାଧାରଣ ଆଶ୍ରୟ ପାଇଥିଲେ।

**ଆଦିବାସୀ ଜନଜାତି ସାମଗ୍ରୀକୁ ପ୍ରଶଂସା**

ଆଦିବାସୀ ଜନଜାତି ସଂଗ୍ରହାଳୟ ଉଦ୍‌ଘାଟନୀରେ ରାଷ୍ଟ୍ରପତି ଆଦିବାସୀ ସାମଗ୍ରୀକୁ ପ୍ରଶଂସା କରିଥିଲେ। ଆଦିବାସୀମାନଙ୍କ ଦ୍ୱାରା ବ୍ୟବହୃତ ପାଳ ଦଉଡି, ଢିଙ୍କି, ଫାର୍ସିଆ, ହଳ ଲଙ୍ଗଳ, ତାଟି କବାଟ, କାଠ ଶିଢ଼ି, କାଠ ଜୁଆଳି, ନାଉ ଧୁଡୁକି, ପାଛିଆ, ଶେର ଭଳି ବିଭିନ୍ନ ଆଦିବାସୀ ସାମଗ୍ରୀ ଗୁଡିକ ଏହି ସଂଗ୍ରାଳୟରେ ଥିବାରୁ ଏହା ରାଷ୍ଟ୍ରପତିଙ୍କୁ ପ୍ରଭାବିତ କରିଥିଲା। ଏଥିସହ ରାଷ୍ଟ୍ରପତି ମୁର୍ମୁ ସଂଗ୍ରହାଳୟରେ ପ୍ରଦର୍ଶିତ ଆଦିବାସୀ ଅଳଙ୍କାରଗୁଡିକୁ ମଧ୍ୟ ବୁଲି ଦେଖିଥିଲେ ।

**ଏସ୍‌ଏଚ୍‌ଜି ଷ୍ଟଲ ବୁଲିଲେ**

ରାଷ୍ଟ୍ରପତି ପୂର୍ବାହ୍ନ ୧୧ଟା ୩୦ରେ ଆଦି ପରବ ସଭାସ୍ଥଳୀ ନିକଟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ପ୍ରସ୍ତୁତ ୩୦ଟି ଷ୍ଟଲ୍ ପରିଦର୍ଶନ କରିଥିଲେ। ମିଲେଟ୍‌ରୁ ପ୍ରସ୍ତୁତ ଖାଦ୍ୟ ବ୍ୟଞ୍ଜନ, ବାଉଁଶ ତିଆରି ସାମଗ୍ରୀ, ମହୁଲ ପ୍ରସ୍ତୁତ ସାମଗ୍ରୀ ଷ୍ଟଲ୍ ପରିଦର୍ଶନ କରି ମହିଳା ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ବିଶ୍ରାର ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜି ସମେତ ଲାଠିକଟା ଓ ଅନ୍ୟ ବ୍ଲକରୁ ମହିଳା ଗୋଷ୍ଠୀଗୁଡ଼ିକ ଏଥିରେ ସାମିଲ ହୋଇଥିଲେ।

**ସଭାସ୍ଥଳରେ ବରଫ ଖଣ୍ଡ**

ବିମାନବନ୍ଦର ନିକଟରେ ହୋଇଥିବା ୪ଟି ବହୁ ଉଚ୍ଚ ଶେଡ୍ ବ୍ୟବସ୍ଥାକୁ ଥଣ୍ଡା ରଖିବା ପାଇଁ କୁଲର, ଷ୍ଟାଣ୍ଡ ଫ୍ୟାନ୍ ଲଗାଯାଇଥିଲା। ପ୍ରବଳ ଗ୍ରୀଷ୍ମରୁ ରକ୍ଷା ପାଇବା ଓ ଶୀତଳତା ଅନୁଭବ କରିବା ପାଇଁ ବଡ ବଡ଼ ବରଫ ମଧ୍ୟ ଖଣ୍ଡ ତଳେ ବିଛାଯାଇଥିଲା।

**ପିଲାଙ୍କୁ ଚକୋଲେଟ୍ ବାଣ୍ଟିଲେ**

ଅପରାହ୍ନ ୩ଟାରେ ହନୁମାନ ବାଟିକା ଅତିକ୍ରମ କରୁଥିବା ସମୟରେ ରାସ୍ତାର ଦୁଇ ପାର୍ଶ୍ୱରେ ଜନସମାଗମ ଦେଖି ରାଷ୍ଟ୍ରପତି ନିଜକୁ ରୋକି ପାରି ନ ଥିଲେ। ସେ କାର୍ ଅଟକାଇ ପ୍ରୋଟୋକଲ୍ ଭାଙ୍ଗି ଓହ୍ଲାଇ ଆସିଥିଲେ। ସହରବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେଠାରେ ଉପସ୍ଥିତ ଛୋଟ ଛୋଟ ପିଲାଙ୍କୁ ଚକୋଲେଟ୍ ବାଣ୍ଟିଥିଲେ। କିଛି ପିଲାଙ୍କ ସହ ସେ କଥାବାର୍ତ୍ତା ମଧ୍ୟ ହୋଇଥିଲେ।


ରାଷ୍ଟ୍ରପତିଙ୍କୁ ସ୍ୱାଗତ ପାଇଁ ରଘୁନାଥପାଲି ନିର୍ବାଚନମଣ୍ଡଳୀବାସୀ ଅପେକ୍ଷାରତ।


ରାଷ୍ଟ୍ରପତିଙ୍କୁ ଦେଖିବା ପାଇଁ ରାସ୍ତାକଡ଼ରେ ଜନସାଧାରଣ।

**ସାନ୍ତାଳୀ କଳାକାର ଖୁସ୍**

ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ଜିଲାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ଡ୍ୟାନ୍ସ ଗ୍ରୁପ୍ ଆସିଥିଲେ। ସେଥିମଧ୍ୟରୁ ଲାଠିକଟା ନୂଆଡେରାରୁ ଆସିଥିବା ସାନ୍ତାଳୀ କଳାକାରମାନେ ସାନ୍ତାଳ ନୃତ୍ୟ ପରିବେଷଣ କରିବା ସହ ରାଷ୍ଟ୍ରପତି ତାଙ୍କ ସମ୍ପ୍ରଦାୟର ହୋଇଥିବାରୁ ଖୁସିବ୍ୟକ୍ତ କରିଥିଲେ।

**ମନମୋହିଲା ସ୍ଥାନୀୟ କଳାକାରଙ୍କ ନୃତ୍ୟ**

ସ୍କୁଲ ଛାତ୍ରୀଛାତ୍ରୀଙ୍କ ବ୍ୟତୀତ ବିଭିନ୍ନ ସାଂସ୍କୃତିକ ଓ କଳାନୃତ୍ୟ ଅନୁଷ୍ଠାନ ପକ୍ଷରୁ ରାଷ୍ଟ୍ରପତିଙ୍କ ସ୍ୱାଗତରେ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ କରାଯାଇଥିଲା। ନୃତ୍ୟମଧୁରମ୍ ସମେତ ୬ରୁ ଉର୍ଦ୍ଧ୍ୱ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଦୀପିକା ଇଂରାଜୀ ସ୍କୁଲର ଛାତ୍ରୀମାନେ ସାମୁହିକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ କଳାକାରମାନଙ୍କ ନୃତ୍ୟ ମନ ମୋହିଥିଲା।

## ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ବିଧାୟକ ଏକ୍କାଙ୍କ ସମେତ ୧୭ କଂଗ୍ରେସ ନେତା ଅଟକ


ଅଟକ ବିଧାୟକ ଡା. ରାଜେନ ଏକ୍କାଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ।

**ସୁନ୍ଦରଗଡ,୨୧।୪(ଜୟ ନାରାୟଣ ମେଣ୍ଡୁଲି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଙ୍ଗଳବାର ରାଉରକେଲା ଗସ୍ତ ପରିପ୍ରେକ୍ଷୀରେ ସୁନ୍ଦରଗଡ ଠାରେ ଜିଲାର ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କୁ ଜିଲା ସଭାପତିଙ୍କ ଘରୁ ପୋଲିସ ଉଠାଇ ନେଇଥିଲା। ଜିଲା କଂଗ୍ରେସ ପକ୍ଷରୁ ଜିଲାପ୍ରଶାସନ ତଥା ଜିଲାପାଳଙ୍କ ଜରିଆରେ ଜିଲାର ଆଦିବାସୀ ଜନତାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଭିନ୍ନ ସମସ୍ୟାରେ ଆଲୋଚନା କରିବାପାଇଁ ପ୍ରୋଟୋକଲ ନିୟମ ଅନୁଯାୟୀ ସମୟ ମଗାଯାଇଥିଲା। ହେଲେ ଏହାର କୌଣସି ପ୍ରତିଉତ୍ତର ନ ମିଳିବାପରେ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଏହାପରେ ସୁନ୍ଦରଗଡ ଠାରେ ଟାଉନଥାନା ପୋଲିସ ରାଜଗାଙ୍ଗପୁରର ବିଧାୟକ ଡା. ସି. ଏସ. ରାଜନ ଏକ୍କା ଓ ଜିଲା କଂଗ୍ରେସ ସଭାପତି ନିର୍ମଳ ନାଏକଙ୍କ ସମେତ ୧୭ଜଣଙ୍କୁ ଆଣି ଅଟକ ରଖିଥିଲା। ଅଟକଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ଜିଲାଉପସଭାପତି ଅଜିତ ପ୍ରସାଦ, ପର୍ଶୁରାମ ସରାଫ, ପ୍ରଦୀପ ସିଂ, ସାଧାରଣ ସମ୍ପାଦକ ଦେବାଶିଷ ଦାସ, ନେପାଳ ସାହୁ, ରାଜେନ୍ଦ୍ର ପଟେଲ, ସୁରେଶ ବାରିକ, ସୁନ୍ଦରଗଡ଼ ଓ ରାଜଗାଙ୍ଗପୁର ଟାଉନ ସଭାପତି ସତ୍ୟନାରାୟଣ ସାହୁ ଓ ଦେବରଞ୍ଜନ ବିନୋଦ, ଶ୍ରମିକ ନେତା ଇକବାଲ ମଲ୍ଲିକ, ଓବିସି ସଭାପତି ଅରୁଣ ସାମଲ, ଶଶୀ ଭୂଷଣ ଚୌରାସିଆ, ବାଲିଶଙ୍କରା ବ୍ଲକ ସଭାପତି ପିତାମ୍ବର ଶେଖରଦେଓ, ମହିଳା କଂଗ୍ରେସ ନେତ୍ରୀ କଳ୍ପନା ଆପଟ, ଯୁବ ନେତା ସଂଜୀବ ପଟ୍ଟନାୟକ, ଜୟ ଭୂଷଣ ଶେଖରଦେଓ ପ୍ରମୁଖ କର୍ମକର୍ତ୍ତା ମାନେ ଥିଲେ। ସନ୍ଧ୍ୟାରେ ରାଷ୍ଟ୍ରପତି ଝାରସୁଗୁଡାରୁ ନୂଆଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲାପରେ ପରେ ପୋଲିସ ସମସ୍ତଙ୍କୁ ଛାଡିଦେଇଥିଲେ।

## ରାଜ୍ୟ ଡେଡ୍ ଲିଫ୍ଟ ଚାମ୍ପିୟନଶିପ୍: ରାଉରକେଲାକୁ ୨ ପଦକ

**ରାଉରକେଲା,୨୧।୪(ସଙ୍ଗୀତା ଜେନା)**

ଏପ୍ରିଲ ୧୮ ଓ ୧୯ତାରିଖରେ ଭୁବନେଶ୍ୱରଠାରେ ଡେଡ୍ ଲିଫ୍ଟ ଚାମ୍ପିୟନଶିପ୍-୨୦୨୬ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ସେକ୍ଟର-୧୮ ମଧୁସୂଦନ ଶିକ୍ଷା ନିବାସର ଛାତ୍ରୀ ସ୍ୱାତୀ ଗଣ୍ଡ (୪୭ କେଜି) ସବ୍‌ଜୁନିଅର ବର୍ଗରେ ପ୍ରଥମ ସ୍ଥାନ ଓ ଅଲିଶା ଗୁପ୍ତା ଦ୍ୱିତୀୟ ସ୍ଥାନ ଅର୍ଜନ କରିଛନ୍ତି। ଉଭୟ ଇସ୍ପାତ କାରଖାନା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହି ସଫଳତା ପାଇଁ ଉଭୟଙ୍କୁ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୌଭାଗିନୀ ମୁଦୁଲି ଓ କ୍ରୀଡା ଶିକ୍ଷକ ସନ୍ତୋଷ ପଳାଇ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସ୍ୱାତୀ ଓ ଅଲିଶାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଉଭୟ ଛାତ୍ରୀ ରାଇମା ଓ ଏନ୍‌ଆଇଏସ୍ କୋଚ୍ ବିକ୍ରମ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଛନ୍ତି।

## ସଂକ୍ଷେପରେ

### ୮ ଦଫା ଦାବିରେ ଏନ୍‌ଏଲସି କମ୍ପାନୀ ବିରୋଧରେ ଗଣଧାରଣା

ରେଙ୍ଗାଲି, ୨୧।୪ (ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନଏଲସି କମ୍ପାନୀର ମନମୁଖୀ କାର୍ଯ୍ୟକଳାପ ଓ ୮ ଦଫା ଦାବି ନେଇ କମ୍ପାନୀ ବିରୋଧରେ ଗର୍ଜିଛନ୍ତି ବିସ୍ଥାପିତ ଗ୍ରାମବାସୀ। ମାତୃଭୂମି ସଙ୍ଗଠନ ସଭାପତି ହେମନ୍ତ ପାଣ୍ଡେଙ୍କ ନେତୃତ୍ୱରେ ବହୁ ବିସ୍ଥାପିତ ଗ୍ରାମବାସୀ କମ୍ପାନୀ ବିରୋଧରେ ଗଣଧାରଣା ଦେଇଛନ୍ତି। ବିସ୍ଥାପିତ ଗ୍ରାମବାସୀଙ୍କ ଦାବିଗୁଡିକ ହେଲା ତଲାବିରା ୨ ଓ ୩ କୋଇଲା ଖଣିରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହ ଏଚପିସି ୱେଜେସ ପ୍ରଦାନ, ଆର୍‌ଆର୍ ପୋଲିସ ୨୦୦୬ ଓ ୨୦୧୩ ଅନୁସାରେ ଯୋଗ୍ୟ ପିଡିଏଫ୍ ଓ ପିଏଏଫ୍‌ମାନଙ୍କୁ ସିଧାସଳଖ ଏନ୍‌ଏଲସି କମ୍ପାନୀରେ ନିଯୁକ୍ତି, ଛଟେଇ କରିଥିବା ସମସ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି କରାଯାଉ, ଲିଖିତ ପ୍ରତିଶ୍ରୁତି ଦେଇଥିବା ପିଡିଏଫ୍ ଓ ପିଏଏଫ୍ ପରିବାରଙ୍କୁ ଟିଓଏମ୍‌ପିଏଲରେ ସିଧାସଳଖ ନିଯୁକ୍ତି ଦିଆଯାଉ, ପିଡିଏଫ୍‌ମାନଙ୍କୁ ଥଇଥାନ ନ କରିବା ପର୍ଯ୍ୟନ୍ତ ବ୍ଲାଷ୍ଟିଂ ବନ୍ଦ କରାଯାଉ, ଖିଣ୍ଡା ପଞ୍ଚାୟତର ସମସ୍ତ ପରିବାରଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉ, ରାଜ୍ୟ ରାଜପଥ ୧୦ରେ କୋଇଲା ପରିବହନ ଦ୍ୱାରା ହେଉଥିବା ପ୍ରଦୂଷଣ ବନ୍ଦ କରାଯାଉ, ଖଣି ଭିତରେ ବନ୍ଧକ କରି ରଖାଯାଇଥିବା ସମସ୍ତ କର୍ମଚାରୀଙ୍କୁ ତୁରନ୍ତ ମୁକ୍ତ କରାଯାଉ।

### ରେଢ଼ାଖୋଲ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

ରେଢ଼ାଖୋଲ, ୨୧।୪ (ସନ୍ତୋଷ ବଘାର)

ରେଢ଼ାଖୋଲ ଏନ୍‌ଏସିରେ ଅଙ୍ଗନୱାଡି ଗୃହ ନିର୍ମାଣ ଦାବିରେ ମଙ୍ଗଳବାର ଉପଜିଲାପାଳଙ୍କୁ ୱାର୍ଡବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ରେଢ଼ାଖୋଲ ଏନ୍‌ଏସିରେ ୱାର୍ଡ ନଂ. ୪ କଇଥ ସାହି ଏବଂ ନୂଆସାହିର ଅଙ୍ଗନୱାଡି ନିଜସ୍ୱ ଗୃହ ନାହିଁ। ଏପର୍ଯ୍ୟନ୍ତ ବିନ୍ଧ୍ୟାବାସିନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଭଙ୍ଗା ଗୃହରେ ପାଠ ପଢ଼ା ଚାଲି ଆସିଛି। ବର୍ଷାଦିନ ପାଣି ଗଳୁଥିବାରୁ ପାଠପଢ଼ାରେ ବ୍ୟାଘାତ ହୋଇଥାଏ। ତେବେ ବହୁ ଦାବି ସତ୍ତ୍ୱେ ଏହି କେନ୍ଦ୍ର ପାଇଁ ନୂତନ ଗୃହ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାବେଳେ ଠିକାଦାର କାର୍ଯ୍ୟ ଆରମ୍ଭ କରିନାହାନ୍ତି। ଏଣୁ ବର୍ଷାଦିନ ପୂର୍ବରୁ ତୁରନ୍ତ ଭୀମ ଭୋଇ ପାଠାଗାର, କିମ୍ବା ପରିଚୟ ଗୃହ ନିକଟରେ ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରିବା ପାଇଁ ମଙ୍ଗଳବାର କାଉନସିଲର ସୁଧାଂଶୁ ଅମାତ, ହୃଷୀକେଶ ଭୋଇ, ସୁଜିତ ମହାକୁଡ଼, ମକାରଧ୍ୱଜ ରାଜହଂସ, ସିନୁ ରାଉଳ ଏକ ପ୍ରତିନିଧି ଦଳ ଉପଜିଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### କୁଞ୍ଜବନ ମହାବିଷ୍ଣୁ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ନାକଟିଦେଉଳ, ୨୧।୪ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ପଞ୍ଚାୟତର କତରାପାଲିସ୍ଥିତ ଅଞ୍ଚଳର ସର୍ବପୁରାତନ ଯଜ୍ଞପୀଠ କୁଞ୍ଜବନରେ ହେବାକୁ ଥିବା ୨୪ ପ୍ରହାର ବିଶ୍ୱଶାନ୍ତି ମହାବିଷ୍ଣୁ ନାମଯଜ୍ଞ ପାଇଁ ଅକ୍ଷୟ ତୃତୀୟା ତିଥିରେ ଅଙ୍କୁରାରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର କଳସ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଯଜ୍ଞାରମ୍ଭ ଅବସରରେ ଅଞ୍ଚଳର ବହୁ ମହିଳା ଏହି ଅବସରରେ ସ୍ଥାନୀୟ ଟିକିରା ଏବଂ ଚମ୍ପାଳି ନଦୀର ସଙ୍ଗମ ସ୍ଥଳରୁ ପାଣି ଉଠାଇ କଳସ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ତେବେ ୨୨ତାରିଖଠାରୁ ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ନାମଯଜ୍ଞରେ ବୁଧବାର ସକାଳୁ ନାମ ଆରମ୍ଭ ସହ ବୈଦିକ ରୀତିନୀତିରେ ହୋମ ଯଜ୍ଞାଦି ଅନୁଷ୍ଠିତ ହେବ। ସପ୍ତମଣ୍ଡଳୀ ଅନ୍ତର୍ଗତ ସରାପାଲି ଏବଂ ବଳମ ପଞ୍ଚାୟତର ୨୧ ଖଣ୍ଡ ଗ୍ରାମର ଗ୍ରାମବାସୀଙ୍କ ସହଯୋଗରେ ୫ଦିନ ଧରି ନାମଯଜ୍ଞ ୨୫ ତାରିଖ ସକାଳୁ ପୂର୍ଣ୍ଣାହୁତି ହେବ। ଚଳିତବର୍ଷ ସରାପାଲି କୁଞ୍ଜବନ ମହାବିଷ୍ଣୁ ଯଜ୍ଞ କମିଟିର ସଭାପତି ଭାବେ ବାଳମକୁନ୍ଦ ପ୍ରଧାନ, ସମ୍ପାଦକ ଭାବେ ନିରାକାର ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ବିପିନ ବିହାରୀ ପ୍ରଧାନ ରହିଥିବା ବେଳେ କମିଟି ପକ୍ଷରୁ ପକ୍ଷରୁ କୁହାଯାଇଛି।

# ଗଣବିବାହ ସମାଜକୁ ସକାରାତ୍ମକ ବାର୍ତ୍ତା ଦେଇଛି

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଗଣବିବାହ**

**ବିବାହ ବନ୍ଧନ ବାନ୍ଧି ହେଲେ ସମ୍ବଲପୁରର ୨୨ ଯୋଡ଼ା କନ୍ୟାବର**

ସମ୍ବଲପୁର, ୨୧।୪ (ପ୍ରମୋଦ ବହିଦାର)

ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ସମ୍ବଲପୁରଠାରେ ଗଣବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏବଂ ସ୍ଥାନୀୟ ବରିଷ୍ଠ ନାଗରିକ ସମାଜ, ନାଗରିକ ପରିଷଦର ସହଯୋଗରେ ସ୍ଥାନୀୟ ଆଦିତ୍ୟ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଗଣବିବାହ ଅନୁଷ୍ଠିତ ହୋଇଯାଇଛି। ଜିଲାର ମହାନଗର ତଥା ବ୍ଲକ ଆଦି ଅଞ୍ଚଳରୁ ଚୟନ ହୋଇଥିବା ୨୨ ଯୋଡ଼ା କନ୍ୟାବରଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏଥିରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବଦମ୍ପତିଙ୍କୁ ଶୁଭାଶିଷ ପ୍ରଦାନ କରିଥିଲେ। ମନ୍ତ୍ରୀ ନାୟକ ସରକାରଙ୍କ ଏହି ଯୋଜନାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଏହି ଅନୁକମ୍ପାମୂଳକ ପଦକ୍ଷେପ ସାଧାରଣ ଲୋକଙ୍କ ଜୀବନରେ ଖୁସି ଆଣିବା ସହ ସମାଜକୁ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରୁଛି। ୨୦୪୭ ସୁଦ୍ଧା ଏକ 'ବିକଶିତ ଭାରତ' ଏବଂ ୨୦୩୬ରେ ଓଡ଼ିଶାର ୧୦୦ ବର୍ଷ ପୂର୍ତ୍ତିକୁ ଲକ୍ଷ୍ୟରେ ରଖି ପ୍ରତ୍ୟେକ ପରିବାର ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ।

ଏହି ଗଣବିବାହ ଉତ୍ସବରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ସେମାନଙ୍କ ସୁଖମୟ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସରୋଜା ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବିବାହ ସମ୍ପନ୍ନ ହେବା ପରେ ନବଦମ୍ପତିଙ୍କ ବ୍ୟାଙ୍କ ଖାତାକୁ ୪୫ ହଜାର ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଉଛି। ଯାହାକୁ ସେମାନେ ନିଜର ଭବିଷ୍ୟତ ଉନ୍ନତି ସହାୟକ ହେବ। ଏହି ସାମୂହିକ ବିବାହ ଉତ୍ସବରେ ଶତାଧିକ ଲୋକ ଉପସ୍ଥିତ ରହି ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଶାସନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଜିଲାପାଳ ବୋନ୍ଦର ସୂଚନା ଦେଇଥିଲେ।



ବିବାହ ମଣ୍ଡପରେ ନବଦମ୍ପତିଙ୍କୁ ୪୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

# କଦଳିମୁଣ୍ଡାରେ ଅକ୍ଷୟ ତୃତୀୟା ଉତ୍ସବ

ପଡିଆବାହାଲ, ୨୧।୪ (ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଜୁଯୋମୁରା ବ୍ଲକ କଦଳିମୁଣ୍ଡା ଗ୍ରାମରେ ସୋମବାର ଅକ୍ଷୟ ତୃତୀୟା ଉତ୍ସବ ଗ୍ରାମୀଣ ଆଧ୍ୟାତ୍ମିକତା, କୃଷି ସଂସ୍କୃତି ଓ ସାମୁଦାୟିକ ଏକତାର ପ୍ରତୀକ ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀ ବିଷ୍ଣୁ, ମା' ଲକ୍ଷ୍ମୀ ଓ ଗ୍ରାମଦେବୀଙ୍କ ପୂଜା କରି କୃଷକମାନେ ନୂଆ ଚାଷ ପାଇଁ କ୍ଷେତ ପୂଜା କରିବା ପରେ ହଳ ଧରିଥିଲେ। ଏଥିରେ ବରିଷ୍ଠ ଭାଜପା ନେତା ଦେବାନନ୍ଦ ଭୁସାଗରଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ମୁଖ୍ୟଅତିଥି ଭାବେ ବୁଲୁ ବିଶ୍ୱାଳ, ମୁଖ୍ୟବକ୍ତା ଗଗନ ବିହାରୀ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ପଣ୍ଡା, ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର, ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ସରପଞ୍ଚ ଅୟସକାନ୍ତ ବଡ଼ପଣ୍ଡା, ଜୟନ୍ତପୁର ସରପଞ୍ଚ ଆରତୀ ତାଣ୍ଡିଆ, କବରାପାଲି ସମିତିସଭ୍ୟା ବନିତା ଓରାମ, ବ୍ୟବସାୟୀ ବିଜୟ କୁମାର ନାୟକ ଯୋଗଦେଇ କଦଳିମୁଣ୍ଡାର ଅକ୍ଷୟ ତୃତୀୟା ଓ ଲକ୍ଷ୍ମୀ ପୂଜା କେବଳ ଏକ ପର୍ବ ନୁହେଁ ବରଂ ସଂହତି, ସଂସ୍କୃତି ଓ ପରମ୍ପରାର ସମ୍ମିଳିତ ସମାରୋହ। ଯାହା ସମଗ୍ର ଅଞ୍ଚଳରେ ଏକତାର ପ୍ରତୀକ ଭାବେ ଉଭା ହୋଇଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଯୁବ କଳାକାର ଡୋଳାମଣି ଭୋଇଙ୍କ ସଂଯୋଜନାରେ ଅଞ୍ଚଳର ଶିଶୁ ଶିଳ୍ପୀମାନଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟରେ କୃତୀ ପ୍ରତିଯୋଗୀଙ୍କୁ ନିମନ୍ତ୍ରିତ ଅତିଥିଙ୍କ ସହିତ ଡା. ରାଜାରାମ ଷଡ଼ଙ୍ଗୀ ପୁରସ୍କୃତ କରିଥିଲେ। ଏହି ଦିନ ଗ୍ରାମର ସମସ୍ତ ବିବାହିତ ଝିଅ ନିଜ ପରିବାର ସହିତ ଏହି ପର୍ବରେ ସାମିଲ ହୋଇ ଏକ ସ୍ୱତନ୍ତ୍ର ଭାଇଚାରା, ପରମ୍ପରା ଓ ସମ୍ମିଳିତ ସଂସ୍କୃତିକୁ ଆହୁରି ମଜବୁତ କରିବାରେ ପ୍ରମୁଖ ଭୂମିକା ନିଭାଇ କରିଥାନ୍ତି। ଗାଁର ଗଉଁତିଆଙ୍କୁ ଗ୍ରାମବାସୀ ସମ୍ମାନ ଜଣାଇବା ଆଉ ଏକ ବିରଳ ପରମ୍ପରା ଭାବେ ଗାଁରେ ଉଜ୍ଜୀବିତ ରହିଛି। ଦୀର୍ଘବର୍ଷ ଧରି ଚାଲି ଆସୁଥିବା ଏହି ପର୍ବ ଗାଁ ମୁଖ୍ୟ ସୁବୋଧ କୁମାର ବେହେରାଙ୍କ ପୁରୋହିତ୍ୟରେ ଦୀର୍ଘବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି।

# ୱାଟ୍‌କୋ କାର୍ଯ୍ୟାଳୟ ଘେରିଲେ ଅଞ୍ଚଳବାସୀ

**ସମ୍ବଲପୁର ଧନକଉଡ଼ାରେ ପାନୀୟ ଜଳ ସଙ୍କଟ**

ସମ୍ବଲପୁର, ୨୧।୪ (ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଅନ୍ତର୍ଗତ ଧନକଉଡ଼ା ଗେଙ୍ଗୁଟିପାଲି ଅଞ୍ଚଳରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ବିଗତ ୩ଦିନ ହେଲା ଧନକଉଡ଼ା ଗେଙ୍ଗୁଟିପାଲି ଅଞ୍ଚଳରେ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ପିଇବା ପାଣି ମୁନ୍ଦେ ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ଡହଳ ବିକଳ ହେବାକୁ ପଡ଼ିଛି। ତେଣୁ ମଙ୍ଗଳବାର ପୂର୍ବାହ୍ନରେ ଅଞ୍ଚଳର ଶତାଧିକ ମହିଳା ସମ୍ବଲପୁରରେ ପାନୀୟ ଜଳ ବିତରଣକାରୀ ସଂସ୍ଥା ୱାଟର କର୍ପୋରେସନ୍ ଅଫ୍ ଓଡ଼ିଶା(ୱାଟ୍‌କୋ) କାର୍ଯ୍ୟାଳୟକୁ ଦୀର୍ଘ ସମୟ ଧରି ଘେରାଉ କରିଥିଲେ। ଏହି ଅବସରରେ ଅନୀତ ଓରାମଙ୍କ ନେତୃତ୍ୱରେ ସବିତା ଓରାମ, ମଞ୍ଜୁ ଓରାମ, ଜମୁଣା ଓରାମ, ରାଣୀ ଦାଶ, ଶୋଭା ମୁଣ୍ଡ ପ୍ରମୁଖଙ୍କ ଏକ ଅଞ୍ଚଳର ଏକ ପ୍ରତିନିଧି ୱାଟ୍‌କୋ ମୁଖ୍ୟ ପ୍ରବନ୍ଧକ(ଜିଏମ୍) ବ୍ରହ୍ମେଶ୍ୱର ଦାଶଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ଦାବିପତ୍ରର ଏକକିତା ନକଲ ସମ୍ବଲପୁର ଜିଲାପାଳଙ୍କ ଅବଗତି ନିମନ୍ତେ ମଧ୍ୟ ପ୍ରେରଣ କରାଯାଇଛି।

ଅଞ୍ଚଳବାସୀଙ୍କୁ ଯଦି ଠିକ୍‌ଭାବେ ପାନୀୟ ଜଳ ନ ମିଳେ ତେବେ ସେମାନେ ଆଗାମୀଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ୱାଟ୍‌କୋ ଜିଏମ୍ ଦାଶଙ୍କୁ ପଚାରିବାରେ ଜଳ ବିଶୋଧନାଗାରରେ ଜଳ ଉତ୍ତୋଳନ ପାଇଁ ଲାଗିଥିବା ମଟର ପୋଡ଼ିଯିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା। ତେବେ ବୁଧବାର ସନ୍ଧ୍ୟା ସୁଦ୍ଧା ମଟର ମରାମତି ହୋଇଯିବ ଓ ଅଞ୍ଚଳରେ ଜଳ ଯୋଗାଣ ସ୍ୱାଭାବିକ ହୋଇଯିବ ବୋଲି ସେ କହିଛନ୍ତି।



ପାନୀୟ ଜଳ ଯୋଗାଣ ସମସ୍ୟା ସମାଧାନ ଦାବିରେ ମହିଳାଙ୍କ ୱାଟକୋ କାର୍ଯ୍ୟାଳୟ ଘେରାଉ

# ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ

ନାକଟିଦେଉଳ, ୨୧।୪ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ଗ୍ରାମରେ ନବ ନିର୍ମିତ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ସକାଳୁ ଗ୍ରାମର ଶତାଧିକ ମହିଳା ନାକଟିଦେଉଳସ୍ଥିତ ଟିକିରା ଏବଂ ଚମ୍ପାଳି ନଦୀର ସଙ୍ଗମ ସ୍ଥଳରୁ ପାଣି ଉଠାଇ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ମନ୍ଦିର ପର୍ଯ୍ୟନ୍ତ ଯାଇ କଳସ ସ୍ଥାପନ କରିଥିଲେ। ପରେ ପୁରୋହିତ ଜନ୍ମେଞ୍ଜୟ ପଣ୍ଡା ରୀତିନୀତିରେ ପୂଜା ଓ ହୋମ କାର୍ଯ୍ୟ କରିଥିବାବେଳେ ଗ୍ରାମର କେଶବ ପ୍ରଧାନ ଏବଂ ଦୁତିକା ପ୍ରଧାନ ସପତ୍ନିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରେଢ଼ାଖୋଲ ବିଧାୟକ ତଥା ଜିଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ, ସମ୍ବଲପୁରର ବରିଷ୍ଠ ଭାଜପା ନେତା ପ୍ରମୋଦ ରଥ, ଗୋବିନ୍ଦ ଅଗ୍ରୱାଲା, ଭାଜପା ରାଜ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ ଏବଂ ଜିଲା ପରିଷଦ ସଭ୍ୟା ଟିକେଶରୀ ମେହେର ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ରତ୍ନମୁଦ ଉତ୍ସବର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଭିନ୍ନକ୍ଷମ ନାବାଳିକା ବଳାତ୍କାର ଘଟଣା: ଅଭିଯୁକ୍ତ ବଡ଼ବାପା ଗିରଫ

କୁଚିଣ୍ଡା, ୨୧।୪ (ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ନାବାଳିକା ବଳାତ୍କାର ଘଟଣାରେ ଅଭିଯୁକ୍ତ ବଡବାପାଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର ସମ୍ବଲପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ଗୋବିନ୍ଦପୁର ଥାନା ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ମୂକ ବଧିର ନାବାଳିକା ବଳାତ୍କାରର ଶିକାର ହେବା ପରେ ଗର୍ଭବତୀ ହୋଇଥିଲେ। ପୀଡିତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ଗୋବିନ୍ଦପୁର ମେଡ଼ିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ନାବାଳିକା ଜଣକ ଗର୍ଭବତୀ ଥିବା ଜଣାପଡିବା ପରେ ତାଙ୍କ ମା' ଥାନାରେ ଫେବୃଆରୀରେ ରିପୋର୍ଟ କରିଥିଲେ। ସେତେବେଳେ ପୋଲିସ ପୋକ୍‌ସୋ ଦଫାରେ ନଂ.୧୭/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରବର୍ତ୍ତୀ ସମୟରେ ପୀଡିତା ଜଣକ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ପୀଡ଼ିତା ଜଣକ ମୂକ ହୋଇଥିବାରୁ ତାଙ୍କ ବଡ଼ବାପାଙ୍କ ସମେତ ଅଞ୍ଚଳର ମୋଟ ୭ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ଡିଏନଏ ଟେଷ୍ଟ ପାଇଁ ପଠାଯାଇଥିଲା। ଇତି ମଧ୍ୟରେ ଡିଏନଏ ଟେଷ୍ଟ ରିପୋର୍ଟ ଆସିବା ପରେ ଘଟଣାର ପର୍ଦ୍ଦାଫାସ ହୋଇଛି। ଘଟଣାରେ ନିଜେ ଜଡ଼ିତ ଥିବା ଅଭିଯୁକ୍ତ ଜଣକ ପୋଲିସ ଆଗରେ ସ୍ୱୀକାର କରିଥିବା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

# କବିତା ସଂକଳନ ସ୍ପନ୍ଦିତ ମୁହୂର୍ତ୍ତ ଉନ୍ମୋଚିତ

ସମ୍ବଲପୁର, ୨୧।୪ (ବି.ଶଙ୍କର)

କବିତା ସଂକଳନ ସ୍ପନ୍ଦିତ ମୁହୂର୍ତ୍ତ ସୋମବାର ରାତି ୯ଟାରେ ଓଡ଼ିଶା ସାଂସ୍କୃତିକ ସମାଜର ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରଫେସର ପ୍ରମୋଦ ପାଢ଼ୀ ମୁଖ୍ୟ ଅତିଥି, ଜୀବନ ବୀମା ନିଗମର ଅବସରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ନାଥ ସମ୍ମାନୀତ ଅତିଥି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାଧ୍ୟାପିକା ଡ. ସୁନୀତି ଦେବତା ସମୀକ୍ଷକ ଭାବେ ଯୋଗଦେଇଥିଲେ। କବିତା ସଂକଳନର ରଚୟିତା ଅଧ୍ୟାପିକା ଡ.ସଙ୍ଗୀତା ନାୟକ ପୁରୋହିତ ସୂଚନା ଦେଇଥିଲେ। ଉତ୍ସବକୁ ଡ. ସ୍ୱୟଂପ୍ରକାଶ ପଣ୍ଡା ସଂଯୋଜନା କରିଥିବାବେଳେ କଣ୍ଠଶିଳ୍ପୀ ତ୍ରିଲୋଚନ ତ୍ରିପାଠୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସେହିପରି ସୁସ୍ମିତା ନନ୍ଦ ବ୍ରହ୍ମା ସ୍ତୁତି ପାଠ କରିଥିଲେ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ରାଧାକାନ୍ତ ସୁନା, ବେବି ନାଏକ ଓ ରାକ୍ଷୀ ଅଗ୍ରୱାଲ ପୁସ୍ତକର କେତୋଟି ଗୀତ ଆବୃତ୍ତି କରିଥିଲେ। ଏହି ଉତ୍ସବରେ ଜ୍ୟୋର୍ତିମୟୀ ପାଣିଗ୍ରାହୀ ଓ ସୁଧାଂଶୁ ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଅନନ୍ୟା ବେହେରା ସହଯୋଗ କରିଥିଲେ। ଶେଷରେ ସ୍ୱର୍ଣ୍ଣମୟୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଭତ୍ତା ବିଳମ୍ବକୁ ନେଇ ଭିମ୍‌ସାର ଇଣ୍ଟର୍ନ ଡାକ୍ତରଙ୍କ ଅସନ୍ତୋଷ

ସମ୍ବଲପୁର, ୨୧।୪ (ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର)ରେ କାର୍ଯ୍ୟରତ ପ୍ରାୟ ୧୯୮ ଜଣ ଇଣ୍ଟର୍ନ ଡାକ୍ତର (ହାଉସ ସର୍ଜନ) ୫୦ ଦିନରୁ ଅଧିକ ହେଲା ଭତ୍ତା (ଷ୍ଟାଇପେଣ୍ଡ) ନ ପାଇ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ସାଧାରଣତଃ ପ୍ରତି ମାସର ୧ ତାରିଖ ସୁଦ୍ଧା ଭତ୍ତା ମିଳିଯାଉଥିବା ବେଳେ, ଏଥର ମିଳିବାକରେ ବିଳମ୍ବକୁ ନେଇ ସେମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ହାଉସ ସର୍ଜନ ସଂଘର ସମ୍ପାଦକ ଡା. ଟିକେଶ୍ୱର ସତନାମୀ କହିଛନ୍ତି, ଭିମ୍‌ସାରର ନୂତନ ଅଧୀକ୍ଷକ ଭାବେ ପ୍ରଫେସର ଡା. ସୁନିଲ ଶର୍ମା ଦାୟିତ୍ୱ ଗ୍ରହଣ କରିଥିଲେ ହେଁ ତାଙ୍କୁ ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଡିଡିଓ ବା ଅର୍ଥ କାରବାର କ୍ଷମତା ମିଳିନାହିଁ। ଫଳରେ ଦରମା ଓ ଭତ୍ତା ବଣ୍ଟନରେ ବାଧା ସୃଷ୍ଟି ହୋଇଛି। ପୂର୍ବରୁ ସମସ୍ୟା ନେଇ ଛାତ୍ରୀଛାତ୍ର ଭିମ୍‌ସାର ନିର୍ଦ୍ଦେଶକ ଏବଂ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଉସ ସର୍ଜନ ସଂଘର ସମ୍ପାଦକ ଡା. ସତନାମୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭିମସାର ନିର୍ଦ୍ଦେଶକ ଡା. ଲାଲମୋହନ ନାୟକ, ଅଧୀକ୍ଷକ ଡା. ସୁନୀଲ ଶର୍ମା ଏବଂ ଡିନ୍ ଡା. ପ୍ରଦୀପ ମହାନ୍ତିଙ୍କୁ ସାକ୍ଷାତ କରି ନିଜର ଅସୁବିଧା ଜଣାଇଛନ୍ତି। ଅପରପକ୍ଷରେ ଭିମ୍‌ସାର କର୍ତ୍ତୃପକ୍ଷ ଆସନ୍ତା ୨ ଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ୨୭ ଅଭିନବ ଷ୍ଟାର୍ଟ-ଅପ୍ ପ୍ରକଳ୍ପ ଉପସ୍ଥାପିତ

**ବଦ୍ରିପ୍ରସାଦ ଶିକ୍ଷାନୁଷ୍ଠାନରେ ଏମ୍‌ସିଏଲ୍ ଷ୍ଟାର୍ଟ-ଅପ୍ ବୁଟ୍ କ୍ୟାମ୍ପ**

ସମ୍ବଲପୁର, ୨୧।୪ (ପ୍ରମୋଦ ବହିଦାର)

ସ୍ଥାନୀୟ ବଦ୍ରିପ୍ରସାଦ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ ପରିସରରେ ଏନ୍‌ଆଇଟି ରାଉରକେଲାର ଫାଉଣ୍ଡେଶନ୍ ଫର୍ ଟେକ୍ନୋଲୋଜି ଆଣ୍ଡ ବିଜନେସ୍ ଇନକ୍ୟୁବେଶନ୍ (ଏଫ୍‌ଟିବିଆଇ) ଆନୁକୂଲ୍ୟରେ ଏକ ଦିନିକିଆ ଏମ୍‌ସିଏଲ୍ ଷ୍ଟାର୍ଟ-ଅପ୍ ବୁଟ୍ କ୍ୟାମ୍ପ ସମ୍ପନ୍ନ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବୈଷୟିକ ଓ ବ୍ୟବସାୟିକ ଶିକ୍ଷା ବିଭାଗର ଛାତ୍ରୀଛାତ୍ର ଯୋଗଦେଇ ନିଜର ନବସୃଜନ ଓ ଉଦ୍ୟୋଗୀ ଦକ୍ଷତାର ପ୍ରଦର୍ଶନ କରିଥିଲେ। ଏଫ୍‌ଟିବିଆଇର ସଭାପତି ତଥା ଏନ୍‌ଆଇଟି ରାଉରକେଲାର ପ୍ରଫେସର ସୁବ୍ରତ ପଣ୍ଡା ଏହି ଅଧିବେଶନର ନେତୃତ୍ୱ ନେଇ ଛାତ୍ରୀଛାତ୍ରଙ୍କୁ ନିଜର କ୍ୟାରିୟରରେ ନୂଆ ଚିନ୍ତାଧାରା ଆପଣାଇବା ସହ ଜଣେ ଜଣେ ସଫଳ ଉଦ୍ୟୋଗୀ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଏଫ୍‌ଟିବିଆଇର ସିଇଓ ଚୀରଞ୍ଜିବି ସାମଲ ଯୋଗଦେଇ ଷ୍ଟାର୍ଟ-ଅପ୍ ଆରମ୍ଭ କରିବା ପାଇଁ ସରକାରଙ୍କ ପକ୍ଷରୁ ମିଳୁଥିବା ସୁବିଧା ସମ୍ପର୍କରେ କହିଥିଲେ। ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୨୭ଟି ଷ୍ଟାର୍ଟ-ଅପ୍ ପ୍ରକଳ୍ପ ଉପସ୍ଥାପନ କରାଯାଇଥିଲା। ସେଥିମଧ୍ୟରୁ ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ଏଫ୍‌ଟିବିଆଇ ଓ ଏନ୍‌ଆଇଟି ରାଉରକେଲା ପକ୍ଷରୁ ସ୍ୱୀକୃତି ପ୍ରଦାନ ସହିତ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ ଅଗ୍ରୱାଲ ଛାତ୍ରୀଛାତ୍ରଙ୍କୁ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମରେ ସାମିଲ ହେବାକୁ ଉତ୍ସାହିତ କରିଥିଲେ।




ବଦ୍ରିପ୍ରସାଦରେ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ପରିସରରେ ଅନୁଷ୍ଠିତ 'ଏମ୍‌ସିଏଲ୍ ଷ୍ଟାର୍ଟ-ଅପ୍ ବୁଟ୍ କ୍ୟାମ୍ପ'ରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ଅତିଥିବୃନ୍ଦ।

# ପଦାରେ ପଡ଼ିଲା ବିରୋଧୀଙ୍କ ମହିଳା ବିରୋଧୀ ଚେହେରା

- **ମହିଳା ବିରୋଧୀ ମେଣ୍ଟ ବୋଲି ବିରୋଧୀଙ୍କୁ ଅପରାଜିତାଙ୍କ କଟାକ୍ଷ**
- **ନାରୀଶକ୍ତି ବନ୍ଦନ ବିଲ୍ ପାରିତ ନ ହେବା ଦୁର୍ଭାଗ୍ୟଜନକ**

ସମ୍ବଲପୁର, ୨୧।୪ (ପ୍ରମୋଦ ବହିଦାର)

ନାରୀଶକ୍ତି ବନ୍ଦନ ଅଧିନିୟମକୁ କାର୍ଯ୍ୟକାରୀ କରିବା ପାଇଁ ସଂସଦରେ ଆଗତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ବିଲ୍ ବିରୋଧୀ ଦଳଙ୍କ ଅସହଯୋଗ ଯୋଗୁ ପାରିତ ହୋଇ ନ ପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ କହିଛନ୍ତି। ସମ୍ବଲପୁର ଗସ୍ତରେ ଆସି ଏମ୍‌ପି ଷଡଙ୍ଗୀ ମଙ୍ଗଳବାର ମନ୍ଦଲିଆସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଥିଲେ, ଗତ୧୬ରୁ ୧୮ତାରିଖ ପର୍ଯ୍ୟନ୍ତ ଚାଲିଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନରେ ନାରୀଶକ୍ତି ବନ୍ଦନ ଅଧିନିୟମ ସହ ଜଡ଼ିତ ୧୩୧ତମ ସାମ୍ବିଧାନିକ ସଂଶୋଧନ ବିଲ୍-୨୦୨୬, କେନ୍ଦ୍ର ଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ୍-୨୦୨୬ ଏବଂ ସୀମା ନିର୍ଦ୍ଧାରଣ (ଡିଲିମିଟେସନ୍) ବିଲ୍-୨୦୨୬ ଆଗତ ହୋଇଥିଲା। ଏହି ବିଲ୍‌ଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ୨୦୨୯ ସାଧାରଣ ନିର୍ବାଚନରେ ମହିଳାମାନଙ୍କୁ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବା। ମାତ୍ର କଂଗ୍ରେସ, ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି ଓ ଡିଏମ୍‌କେ ଭଳି ଦଳଗୁଡ଼ିକ ଏହାକୁ ସମର୍ଥନ ନ ଦେବା ଫଳରେ ଦୁଇ-ତୃତୀୟାଂଶ ବହୁମତ ଅଭାବରୁ ବିଲ୍‌ଟି କାଟ୍ ଖାଇଛି। ଏଥିପାଇଁ ଉକ୍ତ ବିରୋଧୀ ମେଣ୍ଟକୁ ସେ ତୀବ୍ର ସମାଲୋଚନା କରିଥିଲେ। ଏଥିସହ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏହାର ଶ୍ରେୟ ନ ଦେବାକୁ ମହିଳାମାନଙ୍କ ସ୍ୱାର୍ଥ ସହ ସାଲିସ କରିଛନ୍ତି। ବିରୋଧୀ ଦଳଗୁଡ଼ିକ କେବଳ ସୀମା ନିର୍ଦ୍ଧାରଣକୁ ବାହାନା କରି ମହିଳା ସଂରକ୍ଷଣ ପ୍ରକ୍ରିୟାକୁ ବିଳମ୍ବ କରିବାକୁ ଚାହୁଁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ, ନୀତି ନିର୍ଦ୍ଧାରଣରେ ମହିଳାଙ୍କୁ ସମାନ ଭାଗିଦାରୀ ଦେବା କୌଣସି ଅନୁଗ୍ରହ ନୁହେଁ, ବରଂ ଏହା ସେମାନଙ୍କର ସ୍ୱାଭାବିକ ଅଧିକାର। ମାତ୍ର ଏହାକୁ ସମର୍ଥନ ନ କରିବା ଭଳି ବିରୋଧୀଙ୍କ ଅସହଯୋଗ ମନୋଭାବ ସେମାନଙ୍କର ମହିଳା ବିରୋଧୀ ଚେହେରାକୁ ପଦାରେ ପକାଇ ଦେଇଛି। ହେଲେ ଏଭଳି ମହିଳା ବିରୋଧୀ ମାନସିକତା ପାଇଁ ବିରୋଧୀଙ୍କୁ ଆଗାମୀଦିନରେ ଉଚିତ ଜବାବ ଦେବେ ଦେଶର ନାରୀଶକ୍ତି ବୋଲି ସେ କହିଥିଲେ। ତେବେ ଆଗକୁ ମଧ୍ୟ ବିରୋଧୀଙ୍କ ଏଭଳି ବାଧାବିଘ୍ନ ସତ୍ତ୍ୱେ ଭାଜପା ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରଖିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମହିଳା ସଶକ୍ତୀକରଣ ଓ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଭାଜପା ସଂକଳ୍ପବଦ୍ଧ ବୋଲି ସେ କହିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ପୂର୍ବତନ ବିଧାୟକ ନାଉରୀ ନାଏକ, ଜିଲା ଉପସଭାପତି ସୁଶାନ୍ତ ପୁରୋହିତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସବିତା ନନ୍ଦ, ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଷମା ସାହୁ, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତାଙ୍କ ସହ ଏମ୍‌ପି ଅପରାଜିତା ଷଡଙ୍ଗୀ।

